## ଏଫ୍ଏମ୍ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଏମ୍ସିଆଇ ଟିମ୍

**ବାଲେଶ୍ୱର ଅଫିସ, ୨୯।୧୧**

ବାଲେଶ୍ୱର ଫକୀରମୋହନ(ଏଫଏମ୍) ମେଡ଼ିକାଲ କଲେଜ ଓ ଜିଲା ମୁଖ୍ୟ ଚିକିତ୍ସାଳୟକୁ ମେଡ଼ିକାଲ କାଉନ୍ସିଲ ଅଫ୍ ଇଣ୍ଡିଆ (ଏମ୍ସିଆଇ)ର ୩ଜଣିଆ ପ୍ରତିନିଧି ଦଳ ଶୁକ୍ରବାର ପରିଦର୍ଶନ କରିଛନ୍ତି। ଉଭୟ ମେଡ଼ିକାଲ କଲେଜ ଓ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ବିଭିନ୍ନ ବିଭାଗ ବୁଲି ଦେଖିବା ସହ ଏମ୍ସିଆଇର ନିର୍ଦ୍ଦିଷ୍ଟ ଗାଇଡ୍ଲାଇନ୍ ପୂରଣ ଦିଗରେ କେତେଦୂର ସଫଳତା ପାଇଛି ସେନେଇ ଅନୁଧ୍ୟାନ କରିଥିଲେ।

ବାଙ୍ଗାଲୋର ମେଡ଼ିକାଲ କଲେଜର ପ୍ରଫେସର ଶିବା ପୂର୍ବାହ୍ନ ୯ଟାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଫକୀରମୋହନ ମେଡ଼ିକାଲ କଲେଜର ସୁପରିଣ୍ଟେଣ୍ଡେଣ୍ଟ ଡା. ସୁଧୀର ଘୋଷ, ମ୍ୟାନେଜର ଯୋଗସ୍ମିତା ଜେନାଙ୍କ ସହାୟତାରେ ଓପିଡ଼ି, ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଥିବା ବିଭିନ୍ନ ଯନ୍ତ୍ରାଂଶକୁ ନିରୀକ୍ଷଣ କରିଥିବା ବେଳେ ଡାଇରିଆ, ଯକ୍ଷ୍ମା ବିଭାଗ ବୁଲି ରୋଗୀମାନଙ୍କର ପଞ୍ଜିକରଣ ଖାତା ଦେଖିବା ସହ ସଠିକ୍ ଭାବେ ଔଷଧ ବିତରଣ ଏବଂ ଡାକ୍ତରମାନଙ୍କ ରୋଗୀ ସେବା ସମ୍ପର୍କରେ ପଚାରି ବୁଝିଥିଲେ। ସେହିପରି ବାଙ୍ଗାଲୋର ମେଡ଼ିକାଲ କଲେଜର ଆନାସ୍ଥେସିଆ ବିଭାଗର ପ୍ରଫେସର ଶିବ କୁମାର ଓ ହରିୟାନାସ୍ଥିତ ରେହେତକ ଏସ୍ଏନ୍ସିର ପ୍ରଫେସର ଧତରୱାଲ କାନ୍ତ ମିଳିତ ଭାବେ ଫକୀରମୋହନ ମେଡ଼ିକାଲ କଲେଜ ଡିନ୍ ଅଧକ୍ଷ ଡା. ପ୍ରତାପ ରଥଙ୍କ ସହଯୋଗରେ ରେମୁଣା ଗୋଲେଇ ନିକଟସ୍ଥ ଫକୀରମୋହନ ମେଡ଼ିକାଲ କଲେଜ ପରିଦର୍ଶନ କରିଥିଲେ। ମେଡ଼ିକାଲ କଲେଜରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରଦାନ, କ୍ଲାସ ରୁମ୍, ଛାତ୍ରୀ ଓ ଛାତ୍ରାନିବାସ, ପ୍ରାକ୍ଟିକାଲ ରୁମ୍, ପ୍ରଫେସରଙ୍କ ସଂଖ୍ୟା ସହ ବିଭିନ୍ନ ବିଭାଗର ଉପସ୍ଥାନ ଉପରେ ଗୁରୁତ୍ୱାରୋପ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଖବର ଲେଖାଯିବା ପର୍ଯ୍ୟନ୍ତ ଉକ୍ତ ଏମ୍ସିଆଇ ଟିମ୍ ମେଡ଼ିକାଲ କଲେଜ ପରିସରରେ ଥିବା ଜଣାପଡ଼ିଛି। ଏମାନଙ୍କ ରିପୋର୍ଟ ଉପରେ ଫକୀରମୋହନ ମେଡ଼ିକାଲ କଲେଜର ଦ୍ୱିତୀୟବର୍ଷର ରିନ୍ୟୁଆଲ ତଥା ତୃତୀୟବର୍ଷର ଛାତ୍ରୀଛାତ୍ର ନାମଲେଖା ନିର୍ଭର କରୁଥିବାର ଜଣାପଡ଼ିଛି।



ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏମ୍ସିଆଇ ଟିମ୍ର ସଦସ୍ୟମାନେ।

## ଚାରା ଦାନ କରି ସ୍ମୃତିଚାରଣ

**ଭୋଗରାଇ, ୨୯।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଦେଉଳା ଗ୍ରାମର ଆଦର୍ଶ ଓ ଛାତ୍ରବତ୍ସଳ ଓ ଅବସରପ୍ରାପ୍ତ ଶିକ୍ଷକ ପଦ୍ମଲୋଚନ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ସ୍ମୃତିଚାରଣ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପରିବାର ପକ୍ଷରୁ ୭ ଶହ ଆମ୍ବ, ଲିଚୁ, ପିଜୁଳି ଓ ସପେଟା ଚାରା ପ୍ରଦାନ କରାଯାଇଛି। ପରିବେଶ ସୁରକ୍ଷା ସହିତ ପଦ୍ମଲୋଚନ ମହାନ୍ତିଙ୍କ ସ୍ମୃତି ଚିରଦିନ ପାଇ ଅମ୍ଳାନ ହୋଇରହିବ ବୋଲି ହରେନ୍ଦ୍ର ନାଥ ଦାସ, ସାମାଜିକ କର୍ମୀ କୁସୁମ ଦାସ ଗୋସ୍ୱାମୀ, ପ୍ରବୀର କୁମାର ତୋଳା, ଶିକ୍ଷକନେତା ସୁବ୍ରତ କୁମାର ଘରାଇ, ଅବସରପ୍ରାପ୍ତ ଶିକ୍ଷକ ଗଗନ ମିଶ୍ର, ପ୍ରମଥ କୁମାର ଗିରି, ରମେଶ ଚନ୍ଦ୍ର ବେହେରା, ବିଜେଡି ସଭାପତି ରମାକାନ୍ତ କରଣ, ବ୍ୟଙ୍ଗକବି ଡ. ଶ୍ରୀକୁମାର ଘୋଷ ପ୍ରମୁଖ ଯୋଗଦେଇ ତାଙ୍କ ଜୀବନାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ମୃତିଚାରଣ ସଭାରେ 'ପ୍ରଣମ୍ୟ ପ୍ରତିଭା ପଦ୍ମଲୋଚନ' ସ୍ମରଣିକା ମୁଖ୍ୟଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଆଦର୍ଶ ଶିକ୍ଷକଙ୍କ ତୈଳଚିତ୍ର ଓ ପ୍ରତିମୂର୍ତ୍ତି ଅନାବରଣରେ ବିଶିଷ୍ଟ ଅତିଥିମାନେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସ୍ୱର୍ଗତ ଶିକ୍ଷକଙ୍କ ସହଧର୍ମିଣୀ ବାସନ୍ତି ମହାନ୍ତି, ପୁତ୍ର ପ୍ରସେନ୍ଜିତ୍ ମହାନ୍ତି, ଦୁଇ କନ୍ୟା, ଆତ୍ମୀୟସ୍ୱଜନ ଉପସ୍ଥିତ ହୋଇ ସ୍ମୃତିଚାରଣ କରିଥିଲେ।




'ପ୍ରଣମ୍ୟ ପ୍ରତିଭା ପଦ୍ମଲୋଚନ' ସ୍ମରଣିକା ଉନ୍ମୋଚନ କରାଯାଉଛି।

ବିଶିଷ୍ଟ ଅତିଥିମାନେ ମତପ୍ରକାଶ କରିଛନ୍ତି। ସ୍ୱର୍ଗତ ପଦ୍ମଲୋଚନ ମହାନ୍ତିଙ୍କ ବାସଭବନରେ ଆୟୋଜିତ ଏହି ସଭାରେ ସଭାପତିତ୍ୱ କରିଥିଲେ ଇଂ. ସନ୍ତୋଷ କୁମାର ମହାନ୍ତି। ସମ୍ମାନୀତ ଅତିଥି ଭାବେ ପୂର୍ବତନ ଏମ୍ପି ଡ. କାର୍ତ୍ତିକେଶ୍ୱର ପାତ୍ର, ଦେଉଳା ସେବା ସମବାୟ ସମିତିର ସଭାପତି

## ସଂକ୍ଷେପରେ

### ୫ ଚୋରା ମଦ ବେପାରୀ ଗିରଫ

**ସୋର, ୨୯।୧୧(ଡି.ଏନ.ଏ.)**-ସୋର ଅବକାରୀ ଥାନା ପକ୍ଷରୁ ସୋର ଓ ସିମୁଳିଆ ଅଞ୍ଚଳରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୫ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସିମୁଳିଆ ଥାନା ଚୁଡୁଙ୍ଗା ଗ୍ରାମର ଅଭିମନ୍ୟୁ ଶିଅଳ, ନୟନା ଶିଅଳ, କଳାଶୁଣୀ ଗ୍ରାମର ସୁରେନ୍ଦ୍ର ଧଳ, ସୋର ଥାନା ତଳନଗର ଗ୍ରାମର ଅନାଦି ଦାଶ, ସୋର ବ୍ରାହ୍ମଣସାହି ଗ୍ରାମର ବାପୁନୁ ହାଁସଦା। ଅବକାରୀ ବିଭାଗରେ କେସ୍ ନଂ ୫୭, ୫୮, ୫୯, ୭୫ ଓ ୨୫/୨୦୧୯ -୨୦ରେ ମାମଲା ରୁଜୁ କରାଯାଇ ସମସ୍ତ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୋର ଅବକାରୀ ଥାନା ଅଧିକାରୀ କୁଳମଣି ମହାରଣା, ଏଏସ୍ଆଇ ଭାସ୍କର ବେହେରା, ଚନ୍ଦ୍ରମୋହନ ସେଠୀ, ଦେବାଶିଷ ମଲ୍ଲିକ, ଅଞ୍ଜନ ଜେନା ଓ ପିଙ୍କି ମାରାଣ୍ଡି ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

### ପୂର୍ବତନ ବିଧାୟକ ଭାଗୀରଥି ଦାସଙ୍କ ପରଲୋକ

**ଔପଦା, ୨୯।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଔପଦା ବ୍ଲକ ଫତେପୁର ପଞ୍ଚାୟତ ହରିଚନ୍ଦନପୁର ଗ୍ରାମର ପୂର୍ବତନ ବିଧାୟକ ଭାଗିରଥି ଦାସଙ୍କର ୯୮ବର୍ଷରେ ପରଲୋକ ହୋଇଯାଇଛି। ପୂର୍ବତନ ବିଧାୟକ ଦାସଙ୍କ ମୃତ୍ୟୁରେ ଔପଦା, ନୀଳଗିରି ସମେତ ଖଇରା ସିମୁଳିଆ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅବିଭକ୍ତ ସିମୁଳିଆ ଖଇରା ଓ ବନ୍ତ ନିର୍ବାଚନ ମଣ୍ଡଳୀର ୧୯୬୧ ମସିହାରୁ ୧୯୬୭ ମସିହା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ବିରେନ ମିତ୍ରଙ୍କ ସରକାର ସମୟରେ ବିଧାୟକ ପଦରେ ଥିଲେ। ହରିଚନ୍ଦନପୁର ଗ୍ରାମର ସମାଜସେବୀ ଫକୀର ଚରଣ ଦାସ ଓ ମାତା ଗୁର ଦାସଙ୍କ ସୁପୁତ୍ର ଭାଗିରଥି ୧୯୨୩ ମସିହା ଅଗଷ୍ଟ ୧ ତାରିଖରେ ଜନ୍ମଲାଭ କରିଥିଲେ। ଶୁକ୍ରବାର ସକାଳ ୭ଟାରେ ନିଜ ବାସଭବନରେ ତାଙ୍କର ପରଲୋକ ହୋଇଯାଇଥିବାରୁ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ତାଙ୍କ ମୃତ୍ୟୁ ସମୟରେ ପରବାର ବର୍ଗ ଓ ଆତ୍ମୀୟସ୍ୱଜନମାନେ ଉପସ୍ଥିତ ଥିଲେ।

### ବାବା ସିଦ୍ଧେଶ୍ୱର ମନ୍ଦିର ପ୍ରତିଷ୍ଠା ଦିବସ

**ଔପଦା, ୨୯।୧୧(ଡି.ଏନ.ଏ.):** ଔପଦା ବଜାରରେ ଥିବା ସିଦ୍ଧେଶ୍ୱର ଶିବ ମନ୍ଦିରର ୨୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଶୁକ୍ରବାର ଉପାସନା ସହ ରୁଦ୍ରାଭିଷେକ ସମ୍ପନ୍ନ ହୋଇଥିଲା। ମନ୍ଦିର କମିଟି ତରଫରୁ ଔପଦା ଥାନା ଅଧିକାରୀ ପ୍ରଶାନ୍ତ କୁମାର ଜେନା,ସଭ୍ୟ ମିହିର କୁମାର ବେହେରା, ବରିଷ୍ଠ ନାଗରିକ ଦୈତାରୀ ପଣ୍ଡା, ରାମଚନ୍ଦ୍ର ବେହେରା, ଅନନ୍ତ ନନ୍ଦ ପ୍ରମୁଖ ଉପସ୍ଥିତ ରହି ପୂଜା ସମାପନ କରିଥିଲେ।

## ବ୍ୟାଙ୍କରେ ତାଲା ପକାଇଲେ ଗ୍ରାହକ

**ସଜନାଗଡ଼, ୨୯।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବଜାରରେ ଥିବା ଷ୍ଟେଟବ୍ୟାଙ୍କ ଶାଖାରେ ଗ୍ରାହକଙ୍କୁ ଠିକ୍ ଭାବେ ବ୍ୟବହାର କରାଯାଉ ନ ଥିବା ଅଭିଯୋଗ ହେଉଛି। ଶୁକ୍ରବାର ବ୍ୟାଙ୍କ ଖୋଲିବା ପୂର୍ବରୁ ଶତାଧିକ ଗ୍ରାହକ ମୁଖ୍ୟ ଗେଟ୍ରେ ତାଲା ପକାଇ ଧାରଣାରେ ବସିରହିଥିଲେ। ନୀଳଗିରି ଥାନାର ସବ୍ଇନ୍ସପେକ୍ଟର ଗଣେଶ ତ୍ରିପାଠୀ ସଦଳବଳେ ପହଞ୍ଚି ଗ୍ରାହକଙ୍କୁ ବୁଝାଶୁଝା କରିବା ପରେ ତାଲା ଖୋଲା ଯାଇଥିଲା। ଏହାରେ ପରେ ସମସ୍ତ ଗ୍ରାହକ ବ୍ୟାଙ୍କ ଭିତରକୁ ପ୍ରବେଶ କରି ବ୍ୟାଙ୍କର କାରବାରକୁ ବନ୍ଦ କରିଥିଲେ। ଏଚ୍ଆର୍ ମ୍ୟାନେଜର ଗୋଲକ ବିହାରୀ ପତି, ଚିଫ୍ ମ୍ୟାନେଜର ସିଏସ୍ସି ଏମ୍. କବିତା ପାଣି, ଜୋନାଲ ସେକ୍ରେଟାରୀ ଚିତ୍ତରଞ୍ଜନ ପଣ୍ଡା ପହଞ୍ଚି ଗ୍ରାହକମାନଙ୍କ ସହ ଆଲୋଚନା କରି ଏ ଦିଗରେ ଦୃଷ୍ଟି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏନେଇ ଗ୍ରାହକମାନେ ବାଲେଶ୍ୱର ରିଜିଓନାଲ ମ୍ୟାନେଜରଙ୍କୁ ଏକ ଅଭିଯୋଗ ପତ୍ର ଦେଇଛନ୍ତି। କୌଣସି ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଏସ୍ବିଆଇ ନୀଳଗିରି ଶାଖାକୁ ଅଚଳ କରିଦିଆଯିବ ବୋଲି ଗ୍ରାହକମାନେ ଚେତାବନୀ ଦେଇଛନ୍ତି।

## ଅଗ୍ନିକାଣ୍ଡରେ ଗୃହପାଳିତ ପ୍ରାଣୀ ଦଗ୍ଧ

**ଖଇରା, ୨୯।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପୁରସ୍ତମପୁର ଗ୍ରାମରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟି ଶତ୍ରୁଘ୍ନ ସାହୁ ଓ ଭଜହରି ସାହୁଙ୍କର ଘର ପୋଡିଯିବା ସହ ଗୁହାଳରେ ଥିବା ୧୨ଟି କୁକୁଡ଼ା, ଗୋଟିଏ ଗାଈ ଓ ଅନ୍ୟ ଏକ ଛେଳି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଖଇରା ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ଇମାମୀ ଜଗନ୍ନାଥ ମନ୍ଦିର ୫ମ ପ୍ରତିଷ୍ଠା ଉତ୍ସବ

# ୭୦ ଯୋଡ଼ିଙ୍କ ହାତଗଣ୍ଠି ପଡ଼ିଲା



ଇମାମୀ ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ଗଣବିବାହ।

**ବାଲେଶ୍ୱର ଅଫିସ/ରେମୁଣା, ୨୯।୧୧**

ବାଲେଶ୍ୱର ଜିଲା ରେମୁଣା ବାଲଗୋପାଳପୁର ଶିଳ୍ପାଞ୍ଚଳସ୍ଥିତ ଇମାମୀନଗରର ଶ୍ରୀ ଜଗନ୍ନାଥ ମନ୍ଦିରର ୫ମ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୁରୀ ଜଗନ୍ନାଥ ମନ୍ଦିରର ମୁଖ୍ୟ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁମହାପାତ୍ର, ଇମାମୀନଗର ଜଗନ୍ନାଥ ମନ୍ଦିରର ମୁଖ୍ୟ ତଥା ଇମାମୀ ଗ୍ରୁପ୍ର ଅନ୍ୟତମ ନିର୍ଦ୍ଦେଶକ ସୁଶୀଲ କୁମାର ଗୋୟେଙ୍କା ପ୍ରମୁଖ ଯୋଗଦେଇ ଉତ୍ସବକୁ ଉଦ୍ଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସାମୂହିକ ବିବାହରେ ୭୦ଯୋଡ଼ିଙ୍କର ହାତଗଣ୍ଠି ପଡ଼ିବା ସହ ଶୁଭପରିଣୟ ଅନୁଷ୍ଠିତ ହୋଇଥିଲା।

ମନ୍ଦିର ପରିସରରେ ଥିବା ସୁବର୍ଣ୍ଣ କୂପ, ବିମଳା ଲକ୍ଷ୍ମୀ, ଗଣେଶ, ହନୁମାନ ଓ ଶିବ ମନ୍ଦିର ପୂଜାର୍ଚ୍ଚନା ପରେ ଗର୍ଭଗୃହ ମଧ୍ୟରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଦେବୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପରେ ତିନିଠାକୁରଙ୍କ ଅପୂର୍ବ ସୁନାବେଶକୁ ଭକ୍ତମାନେ ଦର୍ଶନ କରିଥିଲେ। ମାଙ୍ଗଳିକ କାର୍ଯ୍ୟକ୍ରମ ଆରମ୍ଭ ହୋଇ ମଧ୍ୟାହ୍ନ ସାଢେ ୧୨ଟା ପର୍ଯ୍ୟନ୍ତ ଗଣବିବାହ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୭୦ଜଣ ଯୋଡ଼ିଙ୍କ ହାତଗଣ୍ଠି ପଡ଼ିଥିଲା। କମ୍ପାନୀ ପକ୍ଷରୁ ସମସ୍ତ ବରକନ୍ୟାଙ୍କ ପାଇଁ ବସ୍ତ୍ର, ସ୍ୱର୍ଣ୍ଣ ଅଳଙ୍କାର, ଆସବାବପତ୍ର, ଫ୍ୟାନ୍, ଘଣ୍ଟା, ଶୀତବସ୍ତ୍ର, ପ୍ରସାଧନ ସାମଗ୍ରୀ, ଛତା, ଜୋତା, ଭ୍ୟାନ୍ଟି ବ୍ୟାଗ୍, ଟ୍ରଙ୍କ, ଗ୍ରୋଶରୀ ଆଦି ସହିତ କିଛି ନଗଦ ଟଙ୍କା ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ମହାଯଜ୍ଞ ଆୟୋଜନ କରାଯାଇଥିଲା। ପୂର୍ବାହ୍ନରୁ ରାତି ୯ଟା ପର୍ଯ୍ୟନ୍ତ ସମସ୍ତଙ୍କ ନିମନ୍ତେ ପ୍ରସାଦସେବନ ବ୍ୟବସ୍ଥା ସହ ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଇମାମୀ ଗ୍ରୁପ୍ ଏକ୍ଜିକ୍ୟୁଟିଭ୍ ଡାଇରେକ୍ଟର ପିଏସ୍ ପଟୱାରୀ, ମୁଖ୍ୟ ପରିଚାଳକ ଏମ୍ବିଏସ୍ ନାୟାର, ପରିଚାଳନା ନିର୍ଦ୍ଦେଶକ ସୁଶୀଲ କୁମାର ଖୈତାନ, ବରିଷ୍ଠ ଉପସଭାପତି ଆଶିଷ ଅବିନାଶ ଗୁପ୍ତା ଅତିଥି ଭାବେ ଯୋଗଦେଇ ବରକନ୍ୟାଙ୍କୁ ଆଶୀର୍ବାଦ ଦେଇଥିଲେ। ସଫଳ ରୂପାୟନ ପାଇଁ ଇମାମୀ ପରିବାରର ସମସ୍ତ ସଦସ୍ୟ, ଅଧିକାରୀ, ମନ୍ଦିର ପ୍ରଶାସନର ସମସ୍ତ କର୍ମକର୍ତ୍ତା, କର୍ମଚାରୀ, ଶ୍ରମିକମାନେ ସହଯୋଗ କରିଥିଲେ।







ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
OFFICE OF THE DEPUTY GENERAL MANAGER (ELECT.) E.H.T. (O&M) DIVISION, JODA
P.O.: Boneikala, Dist: Keonjhar, Pin: 758038 (Odisha), Phone No: 7328829375,
E-mail: ehtm.div.jod@optcl.co.in, CIN: U40102OR2004SGC007553

Letter No. 888 Dated: 29.11.2019

TENDER CALL NOTICE NO.-08/2019-2020

Sealed tenders are invited from the Civil & HT Contractors having valid "C" & "D" Class Civil Contractor license issued by Govt. of Odisha/ Military/ Railways & having valid IT PAN Card/ GST registration for the Work of "Grading plaster of roof of control room at Grid substation, Polaspanga under EHT (O&M) Division Joda". Estimate cost of work- Rs. 495138/- (Including all taxes). Cost of Tender paper Rs. 2240/-, EMD= Rs. 5000/-, Sale of tender documents from dt:- 03.12.2019 to 17.12.2019. Last Date of submission of tender:- 18.12.2019 upto 1.00 PM. Date of opening of tender:- 18.12.2019 at 3.30 PM. For details visit our website:- **www.optcl.co.in**.
Corrigendum if any will be published in the OPTCL website only.

Sd./- Dy. General Manager (Elect), EHT (O&M) Division, Joda


## ପ୍ରତିଶ୍ରୁତି ମିଳିଲାନି: ଦୀପ ଜାଳି ଅନଶନରୁ ହଟିଲେ ଛାତ୍ରୀଛାତ୍ର

**ବାଲେଶ୍ୱର ଅଫିସ,୨୯।୧୧**

ଫକୀରମୋହନ ବିଶ୍ୱବିଦ୍ୟାଳୟ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଭଳି ୪ଗୋଟି ବିଶ୍ୱବିଦ୍ୟାଳୟର ବିଏଡ୍-ଏମ୍ଏଡ୍ ଛାତ୍ରୀଛାତ୍ରମାନେ ଶିକ୍ଷକ ପ୍ରବେଶିକା ପରୀକ୍ଷା (ଓଟିଇଟି, ସିଟିଇଟି, ଓଏସ୍ଏସ୍ଟିଇଟି) ଭଳି ପରୀକ୍ଷା ଦେଇ ପାରୁନାହାନ୍ତି। ଏହାର ପ୍ରତିବାଦ କରି ଗତ ୪ ଦିନ ହେଲା ଫକୀରମୋହନ ବିଶ୍ୱବିଦ୍ୟାଳୟ ବିଏଡ୍-ଏମ୍ଏଡ୍ ଛାତ୍ରୀଛାତ୍ରମାନେ ଜିଲାପାଳ ଅଫିସ୍ ପରିସରରେ ଅନଶନରେ ବସିଥିଲେ। ଜିଲାପ୍ରଶାସନ ଠାରୁ କୌଣସି ପ୍ରକାର ସନ୍ତୋଷଜନକ ପ୍ରତିଶ୍ରୁତି ନ ପାଇବାରୁ ଶୁକ୍ରବାର ସନ୍ଧ୍ୟାରେ ମା' ସରସ୍ୱତୀଙ୍କ ଫଟୋଚିତ୍ର ନିକଟରେ ଦୀପ ଜାଳି ଦିଅଁଙ୍କ ଭରସାରେ ଅନଶନ ସ୍ଥଗିତ ରଖିଥିଲେ। ସମସ୍ତ ଛାତ୍ରୀଛାତ୍ର ଶନିବାରଠାରୁ ଭୁବନେଶ୍ୱରସ୍ଥିତ ଲୋୟର ପିଏମ୍ଜି ଛକରେ ଅନଶନ ପାଇଁ ବାହାରିଛନ୍ତି।

## କରତକଳରେ ଚଢ଼ାଉ

**ସିମୁଳିଆ, ୨୯।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ଥାନା ଅନ୍ତର୍ଗତ ମାର୍କୋଣା ବଜାରସାହିରେ ଥିବା କରତକଳ ଉପରେ ବାଲେଶ୍ୱର ବନବିଭାଗ ତରଫରୁ ଚଢ଼ାଉ କରାଯାଇ ବେଆଇନ୍ କାଠ ସମେତ ଯନ୍ତ୍ରପାତି ଜବତ କରାଯାଇଛି। ଶୁକ୍ରବାର ବାଲେଶ୍ୱର ଡିଏଫ୍ଓ ବିଶ୍ୱରାଜ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ୍ ସମୀର କୁମାର ସାହୁ, ଚାନ୍ଦିପୁର ରେଞ୍ଜର, ମାଜିଷ୍ଟ୍ରେଟ୍ ଶତ୍ରୁଘ୍ନ ସେଠୀ ଏବଂ ୧ ପ୍ଲାଟୁନ ପୋଲିସ ଫୋର୍ସ ସହିତ ସିମୁଳିଆ ପୋଲିସ ଉପସ୍ଥିତ ରହି କରତକଳ ମାର୍କୋଣା ବଜାର ସାହିରେ ଥିବା ବେଆଇନ କରତକଳ ଉପରେ ଚଢ଼ାଉ କରିଥିଲେ। କରତକଳରୁ ଲକ୍ଷାଧିକ ଟଙ୍କାର କାଠ ସହିତ ଯନ୍ତ୍ରପାତି ଜବତ କରି ବନବିଭାଗ ନେଇଯାଇଛି। ଅନ୍ୟପଟେ କରତକଳରେ ବ୍ୟବହୃତ କିଛି ଯନ୍ତ୍ରପାତି ଓ କାଠ ପାଖରେ ଥିବା ଏକ ଘରୁ ଦେଖିବାକୁ ପାଇଥିଲେ। ଉକ୍ତ ଘରର ସଦସ୍ୟ କେହି ନ ଥିଲା ବେଳେ ସିମୁଳିଆ ପୋଲିସ ଉପସ୍ଥିତିରେ ଉକ୍ତ ଘରେ ପଶି ଯନ୍ତ୍ରପାତିକୁ ଜବତ କରିଛି।









# ନିର୍ମାଣ ଶ୍ରମିକଙ୍କ ବିକ୍ଷୋଭ ପ୍ରଦର୍ଶନ

## ନ୍ୟାୟ ନ ମିଳିଲେ ଶ୍ରମ ଅଫିସ୍‌ରେ ପଡ଼ିବ ତାଲା

ବାଲେଶ୍ୱର ଅଫିସ, ୨୯।୧୧

ବିଭିନ୍ନ ଶ୍ରମିକ ସଙ୍ଗଠନର ଆହ୍ୱାନକ୍ରମେ ଶୁକ୍ରବାର ପୂର୍ବାହ୍ନରେ ଶତାଧିକ ନିର୍ମାଣ ଶ୍ରମିକ ବାଲେଶ୍ୱର ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଶ୍ରମିକମାନେ ରେଳଷ୍ଟେଶନରୁ ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ ଫାଟକ ନିକଟରେ ପହଞ୍ଚିଥିଲେ। ଜିଲା ଶ୍ରମ ଅଫିସରେ ଶ୍ରମିକମାନଙ୍କ ପଞ୍ଜିକରଣ ଓ ସହାୟତା ପ୍ରଦାନରେ ବ୍ୟାପକ ଅନିୟମିତତା ବିରୋଧରେ ନାରାବାଜି କରିଥିଲେ।

ଶ୍ରମିକ ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଶ୍ରମିକମାନଙ୍କ ପଞ୍ଜିକରଣରେ ପାତରଅନ୍ତର କରାଯାଉଛି। ୨୦୧୫-୧୬ରୁ ଶ୍ରମିକମାନେ ପଞ୍ଜିକରଣ ପାଇଁ ଆବେଦନ କରିଥିଲେ ମଧ୍ୟ ଆଜି ଯାଏ ସେମାନଙ୍କ ପ୍ରମାଣପତ୍ର ମିଳିନି। ସେହିଭଳି ପଞ୍ଜିକୃତ ଶ୍ରମିକମାନଙ୍କୁ ସହାୟତା ପ୍ରଦାନରେ ବ୍ୟାପକ ଲାଞ୍ଚ କାରବାର ଯୋଗୁ ଠିକ୍ ଭାବରେ ଆଇନ ପାଳନ ହେଉନି। ଦୁର୍ନୀତି ଅଭିଯୋଗ ଯୋଗୁ ଗତ ୩ମାସ ହେଲା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶରେ ପଞ୍ଜିକରଣ କାର୍ଯ୍ୟକୁ ବନ୍ଦ କରାଯାଇଛି। ଏହାର ତଦନ୍ତ କରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଶ୍ରମିକମାନେ ହନ୍ତସନ୍ତ ହେଉଛନ୍ତି। ବିବାହ, ଶିକ୍ଷା, ସାଇକେଲ୍, ଯନ୍ତ୍ରପାତି ଓ ନିରାପତ୍ତା ଉପକରଣ ସହ ମୃତ୍ୟୁପରେ ପରିବାରକୁ ସହାୟତା ପାଇଁ ଆବେଦନକାରୀଙ୍କ ଦରଖାସ୍ତ ବର୍ଷ ବର୍ଷ ଧରି କାର୍ଯ୍ୟାଳୟରେ ପଡ଼ି ରହିଥିବା ଟିୟୁଏସିସିର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ପ୍ରକାଶ କରିଛନ୍ତି। ଟିୟୁଏସିସିର ସାଧାରଣ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ ନିର୍ମାଣ ଶ୍ରମିକମାନଙ୍କୁ ନ୍ୟାୟ ନ ମିଳିଲେ ଜିଲା ଶ୍ରମ ଅଫିସ୍‌ରେ ଶ୍ରମିକମାନେ ତାଲା ପକାଇବାକୁ ବାଧ୍ୟ ହେବେ ବୋଲି କହିଥିଲେ। ବିକ୍ଷୋଭସ୍ଥଳରୁ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳ ସମ୍ବିତ ନାୟକଙ୍କୁ ୩ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ପରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସଦ୍‌ଭାବନା ଗୃହରେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନର ନେତୃବୃନ୍ଦଙ୍କ ସହ ଆଲୋଚନା କରି ଆଇନ୍ ଅନୁଯାୟୀ ନିର୍ମାଣ ଶ୍ରମିକମାନଙ୍କୁ ନ୍ୟାୟ ପ୍ରଦାନ କରାଯିବ ଓ ବକେୟା କାର୍ଯ୍ୟକୁ ପ୍ରାଥମିକତା ଦେବାକୁ ଜିଲା ଶ୍ରମ ଅଫିସର କୁବେର ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯଦି ଜିଲାପାଳଙ୍କ ପ୍ରତିଶ୍ରୁତି କାର୍ଯ୍ୟକାରୀ ନ ହୁଏ ତେବେ ଜିଲା ଶ୍ରମ ଅଫିସକୁ ଅଚଳ କରିଦିଆଯିବ ବୋଲି ବିକ୍ଷୋଭ ସମାବେଶରେ ଶ୍ରମିକନେତା ଭାଗବତ ପ୍ରତିହାରୀ, ଶାନ୍ତନୁ ଦାସ, ବିଜୟ ପାତ୍ର, ଅରୁଣ ସ୍ୱାଇଁ, ପଦ୍ମଭୂଷଣ ରାୟ, ବିକାଶ ଦାସ, ଗଦାଧର ପ୍ରଧାନ, ନିରାକାର ପାଣ୍ଡବ, ସର୍ବେଶ୍ୱର ମିଶ୍ର ଓ ଏକତା ମଞ୍ଚର ନେତା ଅରୁଣ ଜେନା ପ୍ରମୁଖ ଚେତାବନୀ ଦେଇଛନ୍ତି।



ନିର୍ମାଣ ଶ୍ରମିକଙ୍କ ଶୋଭାଯାତ୍ରା।

# ଆରମ୍ଭ ହେଲା ଉଦଳା ମହୋତ୍ସବ ‘ଧୁମୁସା’

ଉଦଳା, ୨୯।୧୧(ଡି.ଏନ.ଏ.)–

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାର କପ୍ତିପଦା ଉପଖଣ୍ଡରେ ଆଦିବାସୀଙ୍କ ପାରମ୍ପରିକ ବାଦ୍ୟଯନ୍ତ୍ର ଧୁମୁସା । ଆଉ ଧୁମୁସାର ତାଳେ ତାଳେ ନାଚି ଉଠେ ନାଦ ଶୁଣୁଥିବା ଶ୍ରୋତା । କପ୍ତିପଦା ଉପଖଣ୍ଡ ଉଦଳା ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ଧୁମୁସାର ନାଦ ବିଭୋର କରିଛି ଦର୍ଶକଙ୍କୁ । ବାଜିଲା ଧୁମୁସା, ଆନନ୍ଦରେ ବିଭୋର ହେଲେ ଉଦଳାବାସୀ । ନଭେମ୍ବର ୨୯ଠାରୁ ଡିସେମ୍ବର ୧ ପର୍ଯ୍ୟନ୍ତ ଉପଖଣ୍ଡସ୍ତରୀୟ ଉଦଳା ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଉପଜିଲାପାଳ ଭଗବାନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜ, ମୁଖ୍ୟବକ୍ତା ଭାବେ ଆର୍ୟୁବେଦିକ ଚିକିତ୍ସକ ସନତ କୁମାର ଦାସ, ସମ୍ମାନିତ ଅତିଥି ମୟୂରଭଞ୍ଜ ଆରକ୍ଷୀ ଅଧୀକ୍ଷକ ପରମାର ସ୍ମିଥ୍ ପୁରୁଷୋତ୍ତମ ଦାସ ଏବଂ ବିଶିଷ୍ଟ ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢେଇ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଚଳିତ ବର୍ଷର ଧୁମୁସା ସ୍ମରଣିକା – ୨୦୧୯ ଏବଂ କ୍ୟାଲେଣ୍ଡର ଉନ୍ମୋଚିତ ହୋଇଥିଲା।


ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ମୟୂରଭଞ୍ଜ ପ୍ରେସ କ୍ଲବ ପୁନର୍ଗଠିତ

## ବିଜୟ ସଭାପତି, ସଞ୍ଜୟ ସାଧାରଣ ସମ୍ପାଦକ


ନୂତନ କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ବାରିପଦା ଅଫିସ, ୨୯।୧୧–

ମୟୂରଭଞ୍ଜ ପ୍ରେସ କ୍ଲବର ଏକ ବୈଠକ ବାରିପଦା ଷ୍ଟାଡିୟମ ସଭାଗୃହରେ ସମ୍ପାଦକ ସତ୍ୟଜିତ ସୋମଙ୍କ ଆବାହକତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମରେ କାର୍ଯ୍ୟରତ ଜିଲା ପ୍ରତିନିଧି ଯୋଗଦେଇ ମୟୂରଭଞ୍ଜ ପ୍ରେସ କ୍ଲବର ପୁନର୍ଗଠନ କରାଯିବାର ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ। ଏହାପରେ ସର୍ବସମ୍ମତିକ୍ରମେ ଏକ ନୂତନ ପରିଚାଳନା କମିଟି ଗଠନ କରାଯାଇଛି। ପୁନର୍ଗଠିତ କ୍ଲବର ସଭାପତି ଭାବେ ଖବରଦାତା ଡ. ବିଜୟ କୁମାର ଅଗ୍ରୱାଲା, କାର୍ଯ୍ୟକାରୀ ସଭାପତି ପ୍ରୟାଗରାଜ କର, ଉପସଭାପତି ଅଭିଜିତ ମହାନ୍ତି ଓ ସୁକାନ୍ତ କୁମାର ଜୀଉ, ସାଧାରଣ ସମ୍ପାଦକ ଭାବେ ସଞ୍ଜୟ କୁମାର ଚୌଧୁରୀ, ସମ୍ପାଦକ ସତ୍ୟଜିତ ସୋମ, ସହସମ୍ପାଦକ ଦୀପକ କୁମାର ନାୟକ ଓ ମୁଖ୍ୟ ସଙ୍ଗଠକ ଭାବେ ରବିନାରାୟଣ ଚଲାନ ମନୋନୀତ ହୋଇଛନ୍ତି। ସେହିପରି ମୁଖ୍ୟ ଉପଦେଷ୍ଟା ଭାବେ ରାଧାଶ୍ୟାମ ପ୍ରଧାନ, ଗଣମାଧ୍ୟମ ସଂଯୋଜକ ରୁପମ ସ୍ୱାଇଁ ଓ କୋଷାଧ୍ୟକ୍ଷ ରୂପେ ପ୍ରଦୀପ କୁମାର ନାୟକଙ୍କୁ ଚୟନ କରାଯାଇଛି। ବୈଠକରେ ରବୀନ୍ଦ୍ର ମହାନ୍ତି, ମାନସ କୁମାର ବେହେରା, ସନ୍ତୋଷ କୁମାର ବରଜ, ଅସିତ୍ ଗିରି, ରଞ୍ଜନ କୁମାର ଦାଶ, ମଳୟ ମହାପାତ୍ର, ସୁବ୍ରତ କୁମାର ପ୍ରଧାନ, ପ୍ରିୟବ୍ରତ ମିଶ୍ର, ଦିଲୀପ କୁମାର ପାତ୍ର, ମୃତ୍ୟୁଞ୍ଜୟ ସେନାପତି, ସୁବ୍ରତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଉପସ୍ଥିତ ସଭ୍ୟମାନଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଓ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରାଯାଇଥିଲା।

# ଚୋରି ଟ୍ରାକ୍ଟର ଉଦ୍ଧାର, ଜଣେ ଗିରଫ

ଠାକୁରମୁଣ୍ଡା, ୨୯।୧୧(ଡି.ଏନ.ଏ.)–

ବାଲେଶ୍ୱର ଜିଲା ଔପଦା ଅଞ୍ଚଳରୁ ଏକ ଟ୍ରାକ୍ଟରକୁ ଚୋରି କରି ନେଉଥିବା ଜଣେ ଯୁବକଙ୍କୁ ଠାକୁରମୁଣ୍ଡା ଥାନା ପୋଲିସ ବାଲିଆବେଡ଼ା ନିକଟରୁ ଧରିବାରେ ସଫଳ ହୋଇଛି। ତାଙ୍କଠାରୁ ଚୋରି ଟ୍ରାକ୍ଟରକୁ ଉଦ୍ଧାର କରାଯାଇଛି। ଔପଦା ଅଞ୍ଚଳର ପ୍ରଭାତ କୁମାର ମହାନ୍ତିଙ୍କର ଟ୍ରାକ୍ଟର (ନଂ.ଓ ୦୧ ଏ ୪୮୯୯-୪୯୦୦) ନିଜ ଘର ସମ୍ମୁଖରେ ଛିଡା ହୋଇଥିଲା। ଯାଜପୁରରୋଡ଼ ଅଞ୍ଚଳର ଶାନ୍ତିଜ୍ୟୋତି ସିଂ(୨୬)ବୁଧବାର ବିଳମ୍ବିତ ରାତିରେ ଟ୍ରାକ୍ଟରକୁ ତାଙ୍କର ଘର ସମ୍ମୁଖରୁ ଚୋରି କରି ନେଇଥିଲେ। ଠାକୁରମୁଣ୍ଡା-ଉଦଳା ରାସ୍ତାର ବାଲିଆବେଡ଼ା ଗ୍ରାମ ନିକଟକୁ ଲାଗିଥିବା ଗୋବରଯୋଡା ନଦୀ କୂଳ ଜଙ୍ଗଲ ଭିତରେ ସେ ଟ୍ରାକ୍ଟରକୁ ଲୁଚାଇ ଦେଇଥିଲେ। ଠାକୁରମୁଣ୍ଡା ଥାନା ପୋଲିସ ଖବରପାଇ ନଦୀ କୂଳରେ ଥିବା ଟ୍ରାକ୍ଟରକୁ ଜବତ କରି ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରିଛି। ଠାକୁରମୁଣ୍ଡା ନିକଟ ଖୁଣ୍ଟାପୋଷୀ ଗ୍ରାମର ଜଣେ ଯୁବକଙ୍କ ସହିତ ମିଶି ସେ ଚୋରି କରୁଥିବା ସ୍ୱୀକାର କରିଛନ୍ତି। ପୂର୍ବରୁ ବାଲେଶର ଅଞ୍ଚଳରୁ ୨ଟି ଟ୍ରାକ୍ଟର, ବ୍ରଜରାଜନଗର ଅଞ୍ଚଳରୁ ଗୋଟିଏ ବୋଲେରୋ ଗାଡି, ଢେଙ୍କାନାଳ ଜିଲା ଗଁଦିଆ ଅଞ୍ଚଳରୁ ଗୋଟିଏ ପିକଅପ ଭ୍ୟାନକୁ ଚୋରି କରିଥିବା କହିଛନ୍ତି। ଠାକୁରମୁଣ୍ଡା ପୋଲିସ ଅଭିଯୁକ୍ତ ଓ ଟ୍ରାକ୍ଟରକୁ ଔପଦା ଥାନା ପୋଲିସକୁ ହସ୍ତାନ୍ତର କରିଛି।

## ବ୍ରାଉନ୍‌ସୁଗାର ବେପାରୀଙ୍କୁ ନିର୍ଘୁମ ମାଡ଼

# ଛାନୁଆରେ ଉତ୍ତେଜନା

ରୂପ୍‌ସା, ୨୯।୧୧ (ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଛାନୁଆ ଗ୍ରାମରେ ୨ଜଣ ବ୍ରାଉନସୁଗାର ବେପାରୀଙ୍କୁ ସ୍ଥାନୀୟ ଲୋକେ କାବୁ କରି ନିର୍ଘୁମ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ସାର୍ଥା ଅଞ୍ଚଳର ଦୀନେଶ ମହାନ୍ତି ଓ ଛାନୁଆ ଅସ୍ତି ଗ୍ରାମର ତପନ ଭୂୟାଁ ରାତିରେ ଗାଁ ଭିତରେ ପଶି ଅନ୍ୟ ନିଶା ବ୍ୟବସାୟୀଙ୍କୁ ବ୍ରାଉନ୍‌ସୁଗାର କାରବାର କରୁଥିବା ବେଳେ ଲୋକଙ୍କ ହାତରେ ଧରାପଡ଼ିଥିଲେ। ସେମାନଙ୍କୁ ବାନ୍ଧି ମାଡ଼ ମାରି ବସ୍ତା ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଆହତ ୨ ଯୁବକଙ୍କୁ ନିଜ ହେପାଜତକୁ ନେଇଥିଲେ। ଶୁକ୍ରବାର ବାଲେଶ୍ୱର ଅବକାରୀ ଥାନାଧିକାରୀ ଅର୍ଜୁନ କୁମାର ମଲିକ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ସେମାନଙ୍କଠାରୁ କୌଣସି ବ୍ରାଉନ୍‌ସୁଗାର ପୁଡ଼ିଆ ମିଳି ନ ଥିବା ଆଇଆଇସି ଧନେଶ୍ୱର ସାହୁ କହିଛନ୍ତି।

# ଡଗରା ବେଳାଭୂମିରେ ବିଦେଶୀ ପକ୍ଷୀ

ବାଲିଆପାଳ, ୨୯।୧୧(ଡି.ଏନ.ଏ.)–ପ୍ରତିବର୍ଷ ପରି ଚଳିତ ବର୍ଷ ପର୍ଯ୍ୟଟନ କେନ୍ଦ୍ର ଡଗରାବେଳା ଭୂମିରେ ବିଦେଶାଗତ ପକ୍ଷୀମାନଙ୍କ ସମାଗମ ହୋଇଛି । ବଗ ଓ ହଂସ ଜାତୀୟ ପକ୍ଷୀ ଚଳିତବର୍ଷ ଶୀତଋତୁ ଆରମ୍ଭରୁ ବେଳାଭୂମିରେ ଚଳପ୍ରଚଳ କରୁଥିବା ଦେଖିବାକୁ ମିଳିଛି । ସୁବର୍ଣ୍ଣରେଖା ମୁହାଣ, ଚଉମୁଖ ବେଳାଭୂମି ଓ ଡଗରା ନିକଟ ହଂସକରା ନଦୀ ମୁହାଣରେ ମଧ ବିଦେଶାଗତ ପକ୍ଷୀମାନଙ୍କର ସମାଗମ ହୋଇଛି। ପକ୍ଷୀଗୁଡିକୁ ଦେଖିବା ପାଇଁ ପର୍ଯ୍ୟଟକମାନେ ଖୁବ ଆଗ୍ରହ ପ୍ରକାଶ କରୁଛନ୍ତି। ପକ୍ଷୀ ଗୁଡିକ ହିମାଳୟ ଓ ସାଇବେରିଆ ଅଞ୍ଚଳରୁ ଆସୁଥିବା କୁହାଯାଇଛି। ଡଗରା ବେଳାଭୂମିରେ ଶୀତଋତୁରେ ବିଦେଶାଗତ ପକ୍ଷୀମାନେ ପ୍ରଚୁର ଖାଦ୍ୟ ପାଇବା ସାଙ୍ଗକୁ ଶୀତର ପ୍ରକୋପ କମ ରହିଥିବାରୁ ପକ୍ଷୀମାନଙ୍କୁ ସୁହାଇଛି । ଗତବର୍ଷ ଜଙ୍ଗଲ ବିଭାଗ ପକ୍ଷରୁ ପକ୍ଷୀ ଗଣନା କରାଯାଇଥିଲା । ଗଣନାରୁ୧୭ ଶହ ବଗ ଜାତୀୟ ପକ୍ଷୀ ଏହି ବେଳାଭୂମିକୁ ଆସିଥିବା ବେଳେ ୨୩ ଶହରୁ ଅଧିକ ହଂସ ଜାତୀୟ ପକ୍ଷୀ ଆସିଥିଲେ । ଚଳିତ ବର୍ଷ ଜାନୁଆରୀ ମାସରେ ଏହି ସବୁ ଜାଗାଗୁଡିକରେ ପକ୍ଷୀ ଗଣନା କରାଯିବ ବୋଲି ଡଗରା ଫରେଷ୍ଟଗାର୍ଡ ପ୍ରକାଶ ମହାନ୍ତି ସୂଚନା ଦେଇଛନ୍ତି।



## ସଂକ୍ଷେପରେ

### ୨ରେ ଚାଷୀଙ୍କ ଆନ୍ଦୋଳନ ଚେତାବନୀ

ବାତ୍ୟା କ୍ଷତିଗ୍ରସ୍ତଙ୍କୁ ଋଣ ଛାଡ଼, ସହାୟତା ଦାବି

ରୂପ୍‌ସା, ୨୯।୧୧(ଡି.ଏନ.ଏ.)- ‘ବୁଲ୍‌ବୁଲ୍’ ବାତ୍ୟା ଓ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଋଣ ଛାଡ଼ ସହ ସରକାରୀ ସହାୟତା ପ୍ରଦାନ ଦିଗରେ କୌଣସି ପଦକ୍ଷେପ ନିଆ ନ ଗଲେ ଆସନ୍ତା ୨ ତାରିଖରୁ ବାଲେଶ୍ୱର ସଦର ବ୍ଲକର କସିପଦା କୃଷି ସେବା ସମବାୟ ସମିତି ଆଗରେ ଚାଷୀମାନେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଯୁବନେତା ମନୋରଞ୍ଜନ ନାୟକ, କୃଷକ ନେତା ଅତୁଲ କୁମାର ଗିରି, ବୈଦ୍ୟନାଥ ବାରିକ, ଖଗେଶ୍ୱର ମହାଳିକ, ଝଡ଼ିବନ୍ଧୁ ବେହେରାଙ୍କ ସମେତ ଶତାଧିକ ଚାଷୀ ସମିତି ସମ୍ପାଦକଙ୍କୁ ଏ ନେଇ ଲିଖିତ ଭାବେ ଅବଗତ କରାଇଛନ୍ତି। ଏହି ସମିତି ଅନ୍ତର୍ଗତ କସିପଦା, ରୂପ୍‌ସା, ଆଙ୍ଗୋ ପ୍ରଭୃତି ପଞ୍ଚାୟତର ଚାଷୀମାନେ ଋଣ ନେଇ ଚାଷ କାର୍ଯ୍ୟ କରିଥିଲେ। ସେମାନେ ମଧ ବୀମା ଭୁକ୍ତ ହୋଇଥିଲେ। ବାତ୍ୟା ଓ ବର୍ଷାରେ ୮୦ପ୍ରତିଶତ ଚାଷ କ୍ଷତିଗ୍ରସ୍ତ ହୋଇଥିବାବେଳେ ସରକାରୀ ଅଧିକାରୀ ସର୍ଭେ ରିପୋର୍ଟରେ ଭୁଲ ତଥ୍ୟ ଦର୍ଶାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

### ପୋଲିସର ଗାଡ଼ି ଯାଞ୍ଚ, ସଚେତନତା ଅଭିଯାନ

ବସ୍ତା, ୨୯।୧୧(ସ୍ୱ.ପ୍ର.)- ରୂପ୍‌ସା ଥାନା ପକ୍ଷରୁ ଶୁକ୍ରବାର ବିଭିନ୍ନ ସ୍ଥାନରେ ଗାଡ଼ିମୋଟର ଯାଞ୍ଚ ସହ ବିନା ହେଲମେଟ୍ ଓ ବିନା ଡ୍ରାଇଭିଂ ଲାଇସେନ୍ସରେ ବାଇକ୍ ନ ଚଳାଇବା ସାଙ୍ଗକୁ ଆବଶ୍ୟକ କାଗଜପତ୍ର ଅପଡ଼େଟ୍ କରିବାକୁ ପରାମର୍ଶ ଦିଆଯାଇଥିଲା। ଜିଲା ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର କୁମାରଙ୍କ ପରାମର୍ଶକ୍ରମେ ଏହି ଥାନା ପକ୍ଷରୁ ଏସ୍‌ଆଇ ହେମନ୍ତ କୁମାର ଦେବ, କନଷ୍ଟେବଲ କଳ୍ପନା ସିଂହ, ମଙ୍ଗଳ ମୁର୍ମୁ, ଦିଲ୍ଲୀପ ନାୟକ, ବାଜୁ ପାତ୍ର ପ୍ରମୁଖ ବାଖରାବାଦ ଛକ, ଗେଟ ବଜାର, ଝୋଟମିଲ ଛକ, ଜାମୁନିଆ ଆଦି ସ୍ଥାନରେ ଏହି ଅଭିଯାନ ହୋଇଥିଲା । ସେହିପରି ସିଂଲା ପୋଲିସ ପକ୍ଷରୁ ସିଂଲା ଥାନା ପୁଟୁରା ଛକ ନିକଟରେ ତଦନୁରୂପ ଗାଡ଼ି ଯାଞ୍ଚ ଓ ଟ୍ରାଫିକ ନିୟମ ମାନିବା ପାଇଁ ପରାମର୍ଶ ଦିଆଯାଇଥିଲା।

### ବେଧଡ଼କ ଭାବେ ଚାଲିଛି ମୋରମ ଲୁଟ୍

କୁଆମରା, ୨୯।୧୧(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକର ବିଭିନ୍ନ ଜଙ୍ଗଲ ଓ ଗୋଚର ଜମିରୁ ବେଧଡକ ଭାବେ ମୋରମ ଓ ମାଟି ଖୋଳା ଚାଲିଛି। ରାସ୍ତା ପାର୍ଶ୍ୱସ୍ଥ ଜମିରୁ ପ୍ରତିଦିନ ଟ୍ରକ ଓ ଟ୍ରାକ୍ଟର ଯୋଗେ ମାଟି ଓ ମୋରମ ବୁହା ହେଉଥିଲେ ମଧ ରାଜସ୍ୱ ବିଭାଗ କିମ୍ବା ଜଙ୍ଗଲ ବିଭାଗର ଏଥିପ୍ରତି ଦୃଷ୍ଟି ନାହିଁ। ଫଳରେ ବିଭିନ୍ନ ସ୍ଥାନରେ ମୃତ୍ତିକା କ୍ଷୟ ହେବା ସହ ଚାରି ପାଞ୍ଚ ଫୁଟ ଗଭୀର ପର୍ଯ୍ୟନ୍ତ ଖାଲ ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି। ବର୍ଷା ଋତୁରେ ଏହି ସ୍ଥାନ ବିପଦସଙ୍କୁଳ ହେବ ବୋଲି ସ୍ଥାନୀୟ ଲୋକେ ଆଶଙ୍କା ବ୍ୟକ୍ତ କରୁଛନ୍ତି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଭଳି ଉନ୍ନୟନ କାମ ଲାଗି ଏଭଳି ଭାବେ ବିଭିନ୍ନ ସ୍ଥାନରୁ ମୋରମ ଓ ମାଟି ଲୁଟି ନିଆଯାଉଛି। ଏଥିଲାଗି କେତେକ ସ୍ଥାନରେ ଜଙ୍ଗଲ ସମ୍ପଦ ନଷ୍ଟ ହେଉଛି। ଏ ନେଇ ଫରେଷ୍ଟର ଧ୍ରୁବଚରଣ ବସନ୍ତିଆଙ୍କୁ ପଚାରିବାରୁ କହିଛନ୍ତି, ସେ କାହାଠାରୁ ଏଭଳି କିଛି ଅଭିଯୋଗ ପାଇ ନାହାନ୍ତି। ତେବେ ଶୀଘ୍ର ସେ ଏ ଦିଗରେ ପଦକ୍ଷେପ ନେବେ। କର୍ମଚାରୀ ଅଭାବରୁ ଧରପଗଡ କାର୍ଯ୍ୟ କେତେକାଂଶରେ ବାଧାପ୍ରାପ୍ତ ହେଉଥିବା ସେ କହିଛନ୍ତି।

### ୧ରୁ କୃଷି ଶିଳ୍ପ ଓ ବାଣିଜ୍ୟ ମେଳା

ଜଳେଶ୍ୱର, ୨୯।୧୧ (ଡି.ଏନ.ଏ. ସ୍ୱ.ପ୍ର.)- ଜଳେଶ୍ୱର ବିକାଶ ମହୋତ୍ସବ ଓ ସର୍ବଭାରତୀୟ ଅଗ୍ରଗାମୀ ଦିବ୍ୟାଙ୍ଗ ସମିତି ଆନୁକୂଲ୍ୟରେ ୩୧ତମ କୃଷିଶିଳ୍ପ ଓ ବାଣିଜ୍ୟ ମେଳା ଜଳେଶ୍ୱର ନେତାଜୀ ଷ୍ଟାଡ଼ିୟମ ଶାନ୍ତିଆଠାରେ ଆସନ୍ତା ୧ତାରିଖଠାରୁ ଆରମ୍ଭ ହେବ। ୧୦ ତାରିଖ ଯାଏ ଏହା ଚାଲିବ ବୋଲି ଶୁକ୍ରବାର ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପରିଷଦ ସମ୍ପାଦକ ମନୋରଞ୍ଜନ ଦାସ ପ୍ରକାଶ କରିଛନ୍ତି। ଏହି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ବୁଦ୍ଧିଜୀବୀ ଯୋଗ ଦେବେ। କୃଷିଭିତ୍ତିକ କାର୍ଯ୍ୟକ୍ରମ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ଆୟୋଜକଙ୍କ ତରଫରୁ ସୂଚନା ଦିଆଯାଇଛି। ଏଥିପାଇଁ ସମସ୍ତଙ୍କର ସହଯୋଗ କାମନା କରାଯାଇଛି। ଖବରଦାତା ସମ୍ମିଳନୀରେ ନନ୍ଦିନୀ ଗୋସେବା ସମିତିର ସମ୍ପାଦକ ହେମନ୍ତ କୁମାର ଦାସ, ଅନନ୍ତ ଦାସ, ସୁଶାନ୍ତ କୟାଲ, ନଗେନ୍ଦ୍ର ପାତ୍ର, ଭାଗବତ ଅଣ୍ଡିଆ, ସୁବ୍ରତ ଘୋଷ, ଶୁଭେନ୍ଦୁ ଦାସ ମହାପାତ୍ର, ମାନସ ବ୍ରହ୍ମ, ମଧୁସୂଦନ ବ୍ରହ୍ମ, ଜଗନ୍ନାଥ ଗୋଛାୟତ, କାଳିଚରଣ ଦାସ ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଥାଲାସେମିଆ ରୋଗୀଙ୍କ ଉନ୍ନତ ଚିକିତ୍ସା ଦାବି

# ଆମରଣ ଅନଶନ ଚେତାବନୀ

ବାଲେଶ୍ୱର ଅଫିସ, ୨୯।୧୧

ବାଲେଶ୍ୱର ଜିଲାରେ ଥିବା ଥାଲାସେମିଆ ରୋଗୀଙ୍କ ଉନ୍ନତ ଚିକିତ୍ସା ସେବା ଯୋଗାଇବା ନିମନ୍ତେ ଦାବି କରି ଆସନ୍ତା ୨ ତାରିଖରୁ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆମରଣ ଅନଶନ କରାଯିବ । ଥାଲାସେମିଆ ରୋଗୀଙ୍କ ସମ୍ପର୍କୀୟଙ୍କୁ ନେଇ ଏହି ଆନ୍ଦୋଳନ କରାଯିବ ବୋଲି ବୁଧବାର ପୂର୍ବାହ୍ନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ‘ଆଚ୍ଛା’ ସଂଗଠନ ପକ୍ଷରୁ ପକ୍ଷରୁ ଚେତାବନୀ ଦିଆଯାଇଛି। ଜିଲାରେ ସରକାରୀ ଭାବେ ୯୬୭ ଜଣ ଥାଲାସେମିଆ ରୋଗୀ ପ୍ରତିମାସ ରକ୍ତ ଗ୍ରହଣ କରୁଥିବାବେଳେ ସେମାନେ ଗ୍ରହଣ କରୁଥିବା ରକ୍ତକୁ ଠିକ୍ ଭାବରେ ଯାଞ୍ଚ ଓ ବିଶୁଦ୍ଧୀକରଣ କରାଯାଉ ନ ଥିବା ଅଭିଯୋଗ ହେଉଛି। ଏପରି କି ରକ୍ତଦାତାଙ୍କଠାରୁ ରକ୍ତ ଗ୍ରହଣ କରିବା ପୂର୍ବରୁ ମ୍ୟାଲେରିଆ, ସିଫିଲିସ୍, ହେପାଟାଇଟିସ୍-ବି, ହେପାଟାଇଟିସ୍-ସି, ଏଚ୍‌ଆଇଭିର ପରୀକ୍ଷା ହେଉ ନାହିଁ। ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର ଭାବରେ ନାଆଟ କିମ୍ବା ଏଲ୍‌ଆଇଜା-୪ ପରୀକ୍ଷଣର ବ୍ୟବସ୍ଥା ନାହିଁ। ରୋଗୀଙ୍କ ଲିଙ୍ଗ ଅନୁସାରେ ମଧ ରକ୍ତ ନମୁନା ପରୀକ୍ଷା କରାଯାଉ ନାହିଁ। ଅନ୍ୟପକ୍ଷେ ରୋଗୀଙ୍କୁ ଫ୍ରେସ୍ ଏବଂ ପେକ୍‌ଡ଼ ବ୍ଲଡ଼ ମିଳୁ ନାହିଁ ବୋଲି ସଂଗଠନର ସଭାପତି ବିସ୍ମିତ ରଞ୍ଜନ ଦାସ ଅଭିଯୋଗ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସଂଗଠନର ଉପ-ସଭାପତି ସରିତା ସାହୁ, ପ୍ରକାଶ ମହାନ୍ତି, ରାକେଶ କୁମାର ଶିଅଳ, ଭଗବାନ ବେହେରା, ଆଦ୍ୟାଶା ଚଣ୍ଡ, ରୋଗୀ ସମ୍ପର୍କୀୟ ଏସ୍‌କେ ସମିନ, ନିର୍ମଳା ସିଂ, ଶୁଷମା ବେହେରା, ଦେବସ୍ମିତା ଥାପ୍ପା, ପ୍ରଭାକର ନାୟକ, କୁନା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରକୁ ୯ ପ୍ରକଳ୍ପ ମନୋନୀତ


ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପକୁ ବିଚାରକମାନେ ଦେଖୁଛନ୍ତି।

ବାହାନଗା, ୨୯।୧୧(ଡି.ଏନ.ଏ.)–

ବାଲେଶ୍ୱର ଜିଲା ବାହାନଗା ବ୍ଲକସ୍ତରୀୟ ବିଜ୍ଞାନ ମେଳା ସାଉଡ଼ୁସ୍ଥିତ ଏସ୍.ପି. ଜେ.ଟି ସରକାରୀ ନୋଡାଲ ଉଚ୍ଚବିଦ୍ୟାଳୟ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ଏହି ବିଜ୍ଞାନ ମେଳାରେ ୧୦୯ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରେ ଜିଲାସ୍ତରକୁ ୯ଟି ପ୍ରକଳ୍ପ ମନୋନୀତ ହୋଇଛି। ବିଜ୍ଞାନମେଳାର ଉଦ୍‌ଘାଟନୀ ଉତ୍ସବରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଶିକ୍ଷାଧିକାରିଣୀ ଶୁଭଲକ୍ଷ୍ମୀ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲାପରିଷଦ ସଭ୍ୟ ଶରତ ଚନ୍ଦ୍ର ରାଜ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଆଇଟିଆରର ବୈଜ୍ଞାନିକ କେ.କେ. ଚାନ୍ଦ ଯୋଗଦେଇ ଆଜିର ଛାତ୍ରୀଛାତ୍ର କାଲିର ଭବିଷ୍ୟତ। ପ୍ରତ୍ୟେକ ଛାତ୍ରୀଛାତ୍ର ନିଷ୍ଠାର ଓ ମନୋବଳ ସହିତ କାର୍ଯ୍ୟ କଲେ ସେମାନେ ନିଶ୍ଚିତ ଲକ୍ଷ୍ୟସ୍ଥଳରେ ପହଞ୍ଚି ଦେଶରେ ସୁନାମ ରଖିପାରିବେ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଏବିଇଓ ଶ୍ରୀନିବାସ ପ୍ରଧାନ, ବିଆରସିସି ରୋହିଆ ଟୁଡୁ, ରଞ୍ଜନ କୁମାର ଦାସ, ସିଆରସିସି ସୀତାକାନ୍ତ ତ୍ରିପାଠୀ, ବିଜୟ କୁମାର ସାହୁ, ମଧୁସ୍ମିତା ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ମେଳାର ଉଦ୍ଦେଶ୍ୟ ଉପରେ ମତବ୍ୟକ୍ତ କରିଥିଲେ। ଶିକ୍ଷକ ଇନ୍ଦ୍ରଜିତ ସାହୁ ଧନ୍ୟବାଦ ଦେଇଥିଲେ। ତେବେ ୧୦୯ ପ୍ରକଳ୍ପ ମଧ୍ୟରୁ ସିନିୟର, ଜୁନିୟର, ସବଜୁନିୟର ୯ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ଜୁନିୟର ରଏଲ.ଏନ.ଏନ.କେ ନୋଡାଲ ଉ.ପ୍ରା. ବିଦ୍ୟାଳୟ ଛାତ୍ର ଜୟପ୍ରକାଶ ବେହେରା ପ୍ରଥମ ହୋଇଥିବା ବେଳେ ସାଉଡୁର ସରକାରୀ ଉଚ୍ଚ ବିଦ୍ୟାଳୟ ଅବିନାଶ ଗୌତମ ଦ୍ୱିତୀୟ ହୋଇଛନ୍ତି। ସେହିପରି ସାଉଡୁର ଭି.ଏସ୍.କେ ବିଦ୍ୟାଳୟର ବର୍ଷାପ୍ରିୟଦର୍ଶନୀ ନାୟକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସିନିୟର ବିଭାଗର ସାଉଡୁର ଏସ.ପି.ଜେ.ଟି ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ସଙ୍ଗୀତା ଶିଅଳ ପ୍ରଥମ ହୋଇଛନ୍ତି। ଅଭଣା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଲୋପିତା ନାୟକ ଦ୍ୱିତୀୟ ସ୍ଥାନ, ଗୋପାଳପୁର ଜୁନିୟର କଲେଜର ପୂର୍ଣ୍ଣପ୍ରଭା ତ୍ରିପାଠୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଚକଜଗନ୍ନାଥପୁର ଉଚ୍ଚ ବିଦ୍ୟାଳୟର ଛାତ୍ର ସୁଶୀଲ୍ ରାଉତ ଚତୁର୍ଥ ସ୍ଥାନ ଅଧିକାର କରିଥିବା ବେଳେ ସାଉଡୁର ଏସ.ପି. ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ହରପ୍ରିୟା ବେହେରା ପଞ୍ଚମ ସ୍ଥାନ, ଖନ୍ତାପଡା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମୋନାଲି ପଣ୍ଡା ଷଷ୍ଠ ସ୍ଥାନ ଅଧିକାର କରିଛନ୍ତି। ସମସ୍ତଙ୍କୁ ମାନପତ୍ର ପ୍ରଦାନ କରାଯିବା ସହିତ ୯ ଜଣଙ୍କୁ ଜିଲାସ୍ତର ବିଜ୍ଞାନମେଳାକୁ ମନୋନୀତ କରାଯାଇଛି।

# ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନାର ସମୀକ୍ଷା

ବାଲେଶ୍ୱର ଅଫିସ, ୨୯।୧୧–

ବାଲେଶ୍ୱରସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନା ଅଧିନରେ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ବନ୍ଧରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲାସ୍ତରୀୟ ଅଧିକାରୀଗଣଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ଶ୍ରମିକ ସଙ୍ଗଠନ ଏବଂ ଉଠାଦୋକାନୀ ସଂଘର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ କୁଶଳୀ ଅଣକୁଶଳୀ ଶ୍ରମିକମାନଙ୍କୁ ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନା ଅଧିନରେ ବୀମା ନିମନ୍ତେ ପଞ୍ଜିକରଣ କରିବା ପାଇଁ ବିଭିନ୍ନ ସରକାରୀ, ବେସରକାରୀ ସଂସ୍ଥାଗୁଡ଼ିକୁ ଟାର୍ଗେଟ୍ ଦିଆଯାଇଥିଲା। ତେବେ ଏ ଦିଗରେ ଆଶାନୁରୂପ ଭାବେ ପ୍ରଗତି ହାସଲ କରାଯାଇପାରିନାହିଁ । ଏହି ଯୋଜନା ବାବଦରେ କେତେକ ସନ୍ଦେହ ରହିଥିବା ଦର୍ଶାଇ ବୈଠକରେ ସେଗୁଡ଼ିକୁ କିପରି ଲୋକଙ୍କୁ ବୁଝାଇ ଲୋକଙ୍କୁ ପ୍ରବର୍ତ୍ତାଇବା ନିମନ୍ତେ ବିଭିନ୍ନ ସଂଘ ତରଫରୁ ପ୍ରସ୍ତାବ ଆଗତ କରାଯାଇଥିଲା। ଜିଲାପାଳ ଚକ୍ରବର୍ତ୍ତୀ ସ୍ୱାସ୍ଥ୍ୟ ବିଭାଗ, ମତ୍ସ୍ୟ ବିଭାଗ, ସମାଜ କଲ୍ୟାଣ, ଜୀବିକା ମିଶନ, ଶିକ୍ଷା ଓ କୃଷି ବିଭାଗ ଜିଲା ଶ୍ରମ ଅଧିକାରୀଙ୍କ ସହ ମିଳିତ ଭାବେ ଯୋଜନା ସ୍ଥିର କରି କିପରି ନିଜ ନିଜ ବିଭାଗ ଅଧିନରେ କାର୍ଯ୍ୟରତ ଶ୍ରମିକମାନଙ୍କ ବୀମା ପଞ୍ଜିକରଣ ହୋଇପାରିବ ତା’ର ମାର୍ଗ ପ୍ରଶସ୍ତ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀମାନଙ୍କ ମଧ୍ୟରେ ଏହି ଯୋଜନା ସମ୍ପର୍କରେ ସଚେତନତା ଜାଗ୍ରତ ପାଇଁ ସମ୍ପୃକ୍ତ ସଂଘ କର୍ମକର୍ତ୍ତାମାନଙ୍କୁ ପ୍ରବର୍ତ୍ତାଯାଇଛି। ଶ୍ରମିକ ସଂଗଠନଗୁଡ଼ିକୁ ପ୍ରକୃତପକ୍ଷେ ଶ୍ରମିକମାନଙ୍କ ହିତରେ ପ୍ରଣୟନ କରାଯାଇଥିବା ବିଭିନ୍ନ ଯୋଜନାର ଲାଭ କିପରି ହିତାଧିକାରୀଙ୍କ ପାଖରେ ପହଞ୍ଚିପାରିବ ସେଥିପାଇଁ ଯତ୍ନବାନ ହେବାକୁ ସେ କହିଥିଲେ। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରାମଚନ୍ଦ୍ର ଜେନା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟ ପ୍ରମୁଖ ଯୋଗଦେଇଥିବା ବେଳେ ଜିଲା ଶ୍ରମ ଅଧିକାରୀ କୁବେର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ଭାରିଯାନ ଧକ୍କାରେ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିଲା

କେନ୍ଦୁଝର ୨୯।୧୧ (ସ୍ୱ.ପ୍ର.)- ନିଷେଧାଦେଶ ସତ୍ତ୍ୱେ କେନ୍ଦୁଝର ସହରରେ ବେଧଡକ ରାସ୍ତାକଡ଼ରେ ପାର୍କିଂ, ବିନା ଘୋଡ଼ଣିରେ ଲୁହାପଥର ପରିବହନ ଓ ଜବରଦଖଲ ଆଦି ସମସ୍ୟା ଲାଗି ରହିଛି। ଫଳରେ ମୁଖ୍ୟ ରାସ୍ତା ସମେତ ପୁରୁଣା ସହରର ଗଳିକନ୍ଦି ରାସ୍ତାରେ ଭାରିଯାନ ଚଳାଚଳ ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହିତ ରାସ୍ତା ନଷ୍ଟ ହେଉଛି। ଗୁରୁବାର ସନ୍ଧ୍ୟାରେ ଏକ ଟ୍ରକ ପୁରୁଣା ସହର ରାସ୍ତାରେ ଯାତାୟାତ କରିବା ବେଳେ ଦୁର୍ଘଟଣା ଘଟି ରାସ୍ତା ଭାଙ୍ଗିବା ସହ ଏକ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡିଥିଲା। ଫଳରେ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଥିଲା। ଏ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା।

### କଟର ମେଶିନରେ କଟି ଶ୍ରମିକ ଗୁରୁତର

ଯୋଡ଼ା ୨୯।୧୧(ଡି.ଏନ.ଏ.)- କେନ୍ଦୁଝର ଜିଲା ଯୋଡା ସହରର ହୁଡି ସାହିଠାରେ କଟର ମେଶିନରେ କଟିଯାଇ ଶୁକ୍ରବାର ବିକ୍ରମ ମୁଣ୍ଡା ନାମକ ଜଣେ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଟାଟାଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅପରାହ୍ନ ସମୟରେ ହୁଡିସାହିଠାରେ ଏକ ନବନିର୍ମିତ ଘରର ବିଦ୍ୟୁତୀକରଣ କାର୍ଯ୍ୟ କରିବା ପାଇଁ କଟର ମେଶିନ୍ ସାହାଯ୍ୟରେ କାନ୍ଥ କଟାଯାଉଥିବା ବେଳେ ସେଥିରୁ ଏକ ଧାରୁଆ ବ୍ଲେଡ୍ ଖସି ଯାଇ ଶ୍ରମିକ ବିକ୍ରମଙ୍କ ବାମ ପଟ ହାତ ଓ ମୁହଁ ମାଡିରେ ବାଜିଥିଲା। ବିକ୍ରମଙ୍କ ଘର ଜାମୁନାଳିଆ ଗ୍ରାମରେ ବୋଲି ଜଣାପଡିଛି।

### ଧରିତ୍ରୀ ଏଜେଣ୍ଟଙ୍କ ପିତୃ ବିୟୋଗ



କେନ୍ଦୁଝର, ୨୯।୧୧ (ସ୍ୱ.ପ୍ର.)- କେନ୍ଦୁଝର ଜିଲା ମୁଖ୍ୟାଳୟର ଧରିତ୍ରୀ ଏଜେଣ୍ଟ କାଳି ପ୍ରସାଦ ଦାସଙ୍କ ବାପା ଭରତ ଚନ୍ଦ୍ର ଦାସଙ୍କର ଶୁକ୍ରବାର ସନ୍ଧ୍ୟାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ତାଙ୍କୁ ୫୯ ବର୍ଷ ହୋଇଥିଲା। ସେ ଘରେ ହଠାତ ଅସୁସ୍ଥ ହୋଇପଡିବାରୁ ଶୁକ୍ରବାର ଅପରାହ୍ନରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ନିଆଯାଇ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ସନ୍ଧ୍ୟାରେ ଦେହାନ୍ତ ହୋଇଛି। ସେ ଜଣେ ମେଳାପୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ସେ ଧରିତ୍ରୀର ପୁରୁଣା ଏଜେଣ୍ଟ ଭାବେ ପ୍ରସାରଣ କାର୍ଯ୍ୟ କରି ଅଞ୍ଚଳରେ ବେଶ୍ ଜଣାଶୁଣା ଥିଲେ। ତାଙ୍କର ଦୁଇ ପୁଅ କାଳି ପ୍ରସାଦ ଓ ଦିବ୍ୟ ଦର୍ଶନ ପାଖରେ ଉପସ୍ଥିତ ଥିଲେ। ଏହି ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ପିଲାଙ୍କୁ ଇଂଲିଶ ମାଧ୍ୟମ ପାଠପଢ଼ା ନାଁରେ ପ୍ରତାରଣା

# ଠକେଇର ଶିକାର ଶତାଧିକ ମହିଳା

ଝୁମ୍ପୁରା, ୨୯।୧୧ (ଡି.ଏନ.ଏ.)

ଗ୍ରାମାଞ୍ଚଳ ପିଲାଙ୍କୁ ଇଂଲିଶ ମାଧ୍ୟମରେ ପାଠ ପଢାଇବା ପ୍ରଲୋଭନ ଦେଖାଇ ଝାଡଖଣ୍ଡ ରାଜ୍ୟର ଜଣେ ବ୍ୟକ୍ତି କେନ୍ଦୁଝର ଜିଲା ଝୁମ୍ପୁରା ଅଞ୍ଚଳରେ ଶିକ୍ଷାନୁଷ୍ଠାନ ଓ କୋଚିଂ ସେଣ୍ଟର ଖୋଲି ବଡ ଧରଣର ଠକେଇ କରିଥିବା ପଦାକୁ ଆସିଛି। ଏସବୁ ଶିକ୍ଷାନୁଷ୍ଠାନରେ ପଢୁଥିବା ଛାତ୍ରୀଛାତ୍ରଙ୍କ ମା'ମାନଙ୍କୁ ସେ ପ୍ରଭାବିତ କରି ସେମାନଙ୍କ ନାମରେ ବିଭିନ୍ନ ଅର୍ଥଲଗାଣକାରୀ ସଂସ୍ଥାରୁ ଋଣ ଉଠାଇ ତାହାକୁ ହଡ଼ପ କରି ଫେରାର ହୋଇଯାଇଥିବା ଜଣାପଡିଛି। ଏଭଳି ଠକେଇର ଶିକାର ହୋଇଥିବା ଶତାଧିକ ମହିଳା ଗୁରୁବାର ଝୁମ୍ପୁରା ଥାନାକୁ ଯାଇ ଏତଲା ଦେଇଛନ୍ତି। ପୋଲିସ ଅଭିଯୋଗ ପାଇବା ପରେ ଏକ ମାମଲା (ନଂ. ୨୮/୧୧) ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ବରଞ୍ଜି ବାଗ୍ ସୂଚନା ଦେଇଛନ୍ତି।

**ଥାନାରେ ଦେଲେ ଏତଲା**

ମହିଳାମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଝାଡଖଣ୍ଡରୁ ଆସିଥିବା ଏହି ବ୍ୟକ୍ତି ଗତ କିଛିବର୍ଷ ହେବ ଏଠାରେ ଘରଭଡା ନେଇ ସପରିବାର ରହୁଥିଲେ। ସେ ଗ୍ରାମାଞ୍ଚଳ ପିଲାଙ୍କୁ ଇଂଲିଶ ମାଧ୍ୟମରେ ପାଠ ପଢାଇବା ସୁଯୋଗ ଦେବା ସକାଶେ ପ୍ରଚାର କରିଥିଲେ। ପରେ ଝୁମ୍ପୁରା ବ୍ଲକର ଉଖୁଣ୍ଡା, ବାରଖଣ୍ଡିଆ, ଅର୍ଶଳା ଗ୍ରାମ ଏବଂ ଚମ୍ପୁଆ ବ୍ଲକର ଚମ୍ପୁଆଠାରେ ଭଡା ଘର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଖୋଲିବା ସହିତ ଝୁମ୍ପୁରା ଠାରେ ଏକ କୋଚିଂ ସେଣ୍ଟର ଚଳାଇ ଗ୍ରାମାଞ୍ଚଳର ଛାତ୍ରୀଛାତ୍ରଙ୍କୁ ପାଠ ପଢାଇବା ଆରମ୍ଭ କରିଥିଲେ। ଏଥିଲାଗି ସେ ଛାତ୍ରୀଛାତ୍ରଙ୍କ ଠାରୁ ଫି ମଧ୍ୟ ନେଉଥିଲେ । ଏହା ମଧ୍ୟରେ ବିଦ୍ୟାଳୟରେ ପଢୁଥିବା ପିଲାଙ୍କ ଅଭିଭାବକ, ବିଶେଷ କରି ସେମାନଙ୍କ ମା' ମାନଙ୍କ ମନରେ ବିଶ୍ୱାସ ଜନ୍ମାଇ ମାଗଣାରେ ଶିକ୍ଷାଦାନ ସହ ବିଦ୍ୟାଳୟ ସମ୍ପ୍ରସାରଣ କରାଯିବା କଥା କହି



ଝୁମ୍ପୁରା ଥାନାରେ ଅଭିଯୋଗ କରିବାକୁ ଆସିଥିବାମହିଳାମାନେ ।

ସହାୟତା ଲୋଡିଥିଲେ। ଶିକ୍ଷାନୁଷ୍ଠାନକୁ ବ୍ୟାଙ୍କ ଋଣ ମିଳିବା ସମ୍ଭବ ହେଉ ନ ଥିବାରୁ ସେ ଗ୍ରାମାଞ୍ଚଳ ମହିଳାଙ୍କୁ ଏ ନେଇ ବିଭିନ୍ନ ଭାବେ ପ୍ରଲୋଭିତ କରି ସେମାନଙ୍କଠାରୁ କାଗଜପତ୍ର ନେଇ କେତେକ ଅର୍ଥଲଗାଣକାରୀ ସଂସ୍ଥାରୁ ଋଣ ଉଠାଇଥିଲେ । ଗତ କିଛି ମାସ ଧରି ସେ ଏହାର କିସ୍ତି ପରିଶୋଧ କରିଥିଲେ। ପରେ ଆଉ କିସ୍ତି ଟଙ୍କା ନ ଦେଇ ଏଠାରୁ ଫେରାର ହୋଇଯିବାରୁ ଠକେଇ ଘଟଣା ଜଣାପଡିଥିଲା । ଏଭଳି ଠକେଇର ଶିକାର କଳିଙ୍ଗା, ବାରୁଣା, ଚଉଠିଆ, ସୁଲୁଗୋଡା, ଅସନପାଟ, ଧାତିକା ଗ୍ରାମର ମହିଳାମାନେ ଏବେ ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ଲୋଡିଥିବା କହିଛନ୍ତି । ସମୁଦାୟ ୨୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡପ ହୋଇଥିବା କୁହାଯାଉଛି। ଥାନା ପକ୍ଷରୁ ତଦନ୍ତ ଅଧିକାରୀ ଭାବେ କୃଷ୍ଣଚନ୍ଦ୍ର ପଣାୟତ ତନାଘନା ଚଳାଛନ୍ତି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ସେ କହିଛନ୍ତି।

### ସରକାରୀ ଅର୍ଥ ତୋସରପାତ ଘଟଣା

## କାର୍ଯ୍ୟ ନିର୍ବାହୀ ଅଧିକାରୀ ନିଲମ୍ବିତ

ହାଟଡିହୀ, ୨୯।୧୧(ଡି.ଏନ୍.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସୋସୋ ଏବଂ ସୁଲଣ ପଞ୍ଚାୟତରେ ଲକ୍ଷାଧିକ ଟଙ୍କା ଅନୁଦାନ ହେରଫେର ଘଟଣାର ତଦନ୍ତ ପରେ ଜିଲାପାଳ ଆଶିଷ ଠାକରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ବ୍ୟାସଦବ ନାୟକଙ୍କୁ ଶଉକ୍ରବାର ନିଲମ୍ବିତ କରିଛନ୍ତି। ଏ ନେଇ ଜିଲାପାଳଙ୍କ ଅଫିସରୁ ଏକ ନିର୍ଦ୍ଦେଶନାମା (ନଂ.୧୬୯୨/୨୦।୧୧।୨୦୧୯) ଜାରି ହୋଇଛି। ଉଲ୍ଲେଖନୀୟ ଯେ, କାର୍ଯ୍ୟ ନିର୍ବାହୀ ଅଧିକାରୀ ନାୟକ ଏହି ଦୁଇ ପଞ୍ଚାୟତରେ ପିଇଓ ଭାବେ କାର୍ଯ୍ୟ କରୁଥିଲେ। ପରେ ତାଙ୍କୁ ପାଟଣା ବ୍ଲକକୁ ବଦଳ କରାଯାଇ ସୋସୋରେ ଅମୀୟ ମାଝୀ ଏବଂ ସୁଲଣରେ ନରହରି ନାୟକ ନୂତନ ପିଇଓ ଭାବେ ଦାୟିତ୍ୱ ଦିଆଯାଇଥିଲା। ଦାୟିତ୍ୱ ନେବା ପରେ ସିଏଫସି ଓ ଏସଏଫସି ଅନୁଦାନର ବ୍ୟାଙ୍କ ଜମାଖାତା ଯାଞ୍ଚ ବେଳେ କୌଣସି କାର୍ଯ୍ୟ ନହୋଇ ୩ ଲକ୍ଷ ୩୮ ହଜାର ଟଙ୍କା ଉଠାଣ ହୋଇଥିବା ପିଇଓ ମାଝୀ ଜାଣି ପ୍ରଶାସନକୁ ଜଣାଥିଲେ। ସେହିପରି ସୁଲଣ ପଞ୍ଚାୟତରେ ୫ ଲକ୍ଷ ୬୦ ହଜାର ଟଙ୍କା ହେରଫେର ହୋଇଥିବା ଜଣାପଡିଥିଲା। ଏହାପରେ ଜିଲାସ୍ତରରୁ ଏକ ୪ ଜଣିଆ ଟିମ୍ ଆସି ତଦନ୍ତ କରିଥିଲେ।

## ସୁରକ୍ଷା ଲୋଡ଼ି ଥାନାର ଦ୍ୱାରସ୍ଥ ହେଲେ ମହିଳା

କେନ୍ଦୁଝର ୨୯।୧୧ (ସ୍ୱ.ପ୍ର.)

କେନ୍ଦୁଝର ସଦର ବ୍ଲକ ଅଧୀନ ବୋଦାପଳଶା ଗ୍ରାମର ଜଣେ ୭୦ ବର୍ଷ ବୟସ୍କା ମହିଳା ବୀଣା ଦାସ ମଙ୍ଗଳବାର ସଦର ଥାନା ଦ୍ୱାରସ୍ଥ ହୋଇ ସୁରକ୍ଷା ଦାବି କରିଛନ୍ତି। ଜଣେ ଅସାମାଜିକ ବ୍ୟକ୍ତି ତାଙ୍କୁ ଓ ତାଙ୍କ ପରିବାରକୁ ଧମକଚମକ ଦେଉଥିବା ନେଇ ସେ ଲିଖିତ ଅଭିଯୋଗ କରିଛନ୍ତି। ସଦର ଥାନା ପୋଲିସ ଏ ନେଇ ଏକ ମାମଲା (ଂ.୨/୨୦୧୯) ରୁଜୁ କରି ତଦନ୍ତ କରୁଥିବା କହିଛି। ଟଙ୍କା ପାଇଁ ତାଙ୍କ ପରିବାର ସଦସ୍ୟମାନଙ୍କୁ ହତ୍ୟା ଧମକ ଦେଉଥିବା ସେ ଜଣାଇଛନ୍ତି। ବୃଦ୍ଧା ବୀଣା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କ ଘରେ ଭିନ୍ନକ୍ଷମ ବଡପୁଅ, ସାନ ପୁଅ, ଦୁଇ ବୋହୂ ଓ ନାତିନାତୁଣୀ ରହୁଛନ୍ତି। ତାଙ୍କ ଜ୍ୱାଇଁ ମାନସିକ ରୋଗରେ ପୀଡ଼ିତ ହୋଇଥିବାରୁ ଝିଅ ଓ ନାତୁଣୀ ଆସି ରହୁଛନ୍ତି । ସମ୍ପୃକ୍ତ ବ୍ୟକ୍ତିଙ୍କ ଧମକ ଯୋଗୁ ମାନସିକ ଚାପରେ ରହୁଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି।

## ଖରିଫ ଧାନ ସଂଗ୍ରହ ପାଇଁ ପ୍ରଚାର ରଥ



ସଚେତନତା ରଥ।

ଚମ୍ପୁଆ, ୨୯।୧୧(ଡି.ଏନ.ଏ)

କେନ୍ଦୁଝର ଜିଲା ଚମ୍ପୁଆ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଖରିଫ ଧାନ ସଂଗ୍ରହ ପାଇଁ ଏକ ସଚେତନତା ରଥ ବୁଲିବା ଆରମ୍ଭ କରିଛି। ଉପଜିଲାପାଳ ପ୍ରତାପ ପ୍ରୀତିମୟ ନିଜ କାର୍ଯ୍ୟାଳୟଠାରେ ପତାକା ହଲାଇ ରଥର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଆର୍‌ଏମ୍‌ସି ସେକ୍ରେଟାରୀ ଚାରୁଲତା ସିଂ, ଏସଡିଆଇପିଆରଓ ଜୟନ୍ତ କୁମାର ନାୟକ ଓ ସମସ୍ତ ଆର୍‌ଏମ୍‌ସି କର୍ମଚାରୀ ଉପସ୍ଥିତ ଥିଲେ। ଏହି ରଥ ଶୁକ୍ରବାର ଓ ଶନିବାର ଚମ୍ପୁଆ ବ୍ଲକ ପରିକ୍ରମା କରିବା ପରେ ୧ ଓ ୨ ତାରିଖରେ ଝୁମ୍ପୁରା ବ୍ଲକ, ୩ ଓ ୪ ତାରିଖରେ ଯୋଡା ବ୍ଲକ ପରିକ୍ରମା କରି ଚାଷୀଙ୍କୁ ସଚେତନ କରାଇବ । ଧାନର ମାନ ରକ୍ଷା ଓ ସରକାରୀ ମଣ୍ଡିରେ ଏହାକୁ ବିକି ଉଚିତ ପ୍ରାପ୍ୟ ଅନ୍ ଲାଇନ ମାଧ୍ୟମରେ ନେବାକୁ ସଚେତନତା କରାଯାଉଥିବା ପ୍ରଶାସନ ପକ୍ଷରୁ କୁହାଯାଉଛି।

## ଗ୍ରାମରୋଜଗାର ସେବକଙ୍କ ବଦଳି ନେଇ ବିରୋଧାଭାସ

ପାଟଣା, ୨୯।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲାର ୧୩ଟି ବ୍ଲକରେ କାର୍ଯ୍ୟରତ ୨୯୦ ଜଣ ଗ୍ରାମରୋଜଗାର ସେବକ(ଜିଆରଏସ )ଙ୍କ ବଦଳି ପାଇଁ ଗୁରୁବାର ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୧ ତାରିଖ ସୁଦ୍ଧା ନୂତନ ବଦଳି ସ୍ଥାନରେ ଯୋଗ ଦେବାକୁ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ନିର୍ଦ୍ଦେଶ ଦିଆଯାଇଛି। ତେବେ ଠିକାଭିତ୍ତିରେ ମାସକୁ ୭ହଜାର ଟଙ୍କା ଦରମାରେ କାମ କରୁଥିବା ଏହି କର୍ମଚାରୀମାନେ ଅନ୍ୟତ୍ର ଯାଇ କାର୍ଯ୍ୟ କରିବାକୁ ଅନିଚ୍ଛା ପ୍ରକାଶ କରୁଥିବା ଜଣାପଡିଛି। ଏନେଇ କର୍ମଚାରୀ ମହଲରେ ବିରୋଧାଭାସ ସୃଷ୍ଟି ହୋଇଥିବାରୁ ଏହା ପାଟଣା ବ୍ଲକରେ ଚର୍ଚ୍ଚାର ବିଷୟ ହୋଇଛି। ଉଲ୍ଲେଖନୀୟ ଯେ, ଏହ ବ୍ଲକର ୨୦ ପଞ୍ଚାୟତର ଜିଆରଏସମାନଙ୍କର ପ୍ରଥମ ଥର ଅନ୍ୟ ପଞ୍ଚାୟତକୁ ବ୍ଲକ ମଧ୍ୟରେ ବଦଳି ହୋଇଛି । ପୂର୍ବରୁ ଅନ୍ୟ ଜିଲାରେ ଏଭଳି ବଦଳି ଆଦେଶ ବିରୋଧରେ ରହିତାଦେଶ ଅଣାଯାଇଥିବାରୁ କେନ୍ଦୁଝର ଜିଲା ଜିଆରଏସ ସଙ୍ଘ ତରଫରୁ ହାଇକୋର୍ଟରେ ମାମଲା କରି ରହିତାଦେଶ ଆଣିବାକୁ ଉଦ୍ୟମ କରାଯାଉଥିବା ବିଶେଷ ସୂତ୍ରରୁ ଜଣାପଡିଛି ।

## ୧୧ରୁ ବଉଳମାଳ ଅନନ୍ତ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

କେନ୍ଦୁଝର,୨୯।୧୧(ଡି.ଏନ.ଏ./ସ୍ୱ.ପ୍ର.)

ସଦର ବ୍ଲକ ଅନ୍ତର୍ଗତ ବଉଳମାଳ ଗ୍ରାମରେ ହେବାକୁ ଥିବା ଗୋଲଡେନ ଆଇ ସ୍ପୋର୍ଟିଂ କ୍ରିକେଟ ଟୁର୍ନାମେଣ୍ଟ ଲାଗି କ୍ଲବର ସଭାପତି ପୂର୍ଣ୍ଣେନ୍ଦୁ ମହାନ୍ତଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୧ତାରିଖରୁ ୨୪ତାରିଖ ପର୍ଯ୍ୟନ୍ତ ଆଖପାଖ ଅଞ୍ଚଳର ୧୬ଟି କ୍ରିକେଟ ଦଳକୁ ନେଇ ୫ମ ଅନନ୍ତ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ହେବ। ସମସ୍ତ ମ୍ୟାଚ ଗ୍ରାମର ଶାଳପଡିଆରେ ଖେଳାଯିବ। ବିଜେତା ଦଳକୁ ୧୪ହଜାର ଟଙ୍କା ସହ ଟ୍ରଫି ଏବଂ ଉପବିଜେତା ଦଳକୁ ୧୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ । ପ୍ରତ୍ୟେକ ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଓ ଫାଇନାଲରେ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରାଯିବ। ଅଞ୍ଚଳରେ ଲୁକ୍କାୟିତ ହୋଇରହିଥିବା ଯୁବ ଖେଳାଳିଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ଏହି ଟୁର୍ନାମେଣ୍ଟ ହେଉଥିବା ସୂଚନା ଦିଆଯାଇଛି।

## ସମାଜ କଲ୍ୟାଣ କାର୍ଯ୍ୟ ଜରିଆରେ ପରିବର୍ତ୍ତନ ସମ୍ଭବ

ହାଟଡିହୀ,୨୯।୧୧(ଡି.ଏନ୍.ଏ.)

ସମାଜ କଲ୍ୟାଣ କାର୍ଯ୍ୟକ୍ରମ ଜରିଆରେ ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତନ ଆସିପାରିବ। ଏଣୁ ସମାଜ କଲ୍ୟାଣ କାର୍ଯ୍ୟ ସକାଶେ ଯୁବଗୋଷ୍ଠୀ ଆଗେଇ ଆସିବାକୁ କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ମା'ଭାରିଆଣୁଣୀ ପଡ଼ିଆଠାରେ ଫ୍ରେଣ୍ଡସ୍ ଫର୍ ଫାଉଣ୍ଡେଶନ ଗ୍ରୁପର ବାର୍ଷିକ ଉତ୍ସବରେ ଅତିଥିମାନେ ଗୁରୁତ୍ୱାରୋପ କରିଛନ୍ତି। ଏହି ଉତ୍ସବରେ ଅତିଥି ଭାବେ ଡ. ସିଲୁ ବ୍ରହ୍ମ, ବିଶିଷ୍ଟ ଶିକ୍ଷାବିତ୍ ବିଭୂତିଭୂଷଣ ବେହେରା ଓ ସାମାଜିକ କର୍ମୀ ପ୍ରତିରଞ୍ଜନ ବେହେରା ଯୋଗ ଦେଇଥିଲେ। ପ୍ରତିଷ୍ଠାତା ଜିତେନ୍ଦ୍ର କୁଅଁରଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ସଭାପତି ଦେବାଶିଷ ଖଣ୍ଡାଇ ସଭାପତିତ୍ୱ କରିଥିଲେ। ସ୍ଥାନୀୟ ଯୁବ ଗୋଷ୍ଠୀ ପକ୍ଷରୁ ଏହି ଗ୍ରୁପ ଗଠନ କରାଯାଇ ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟ କରାଯାଉଥିବାରୁ ଅତିଥିମାନେ ପ୍ରଶଂସା କରିଥିଲେ। ସଂଘ ଉପସଭାପତି ତ୍ରିନାଥ ବେହେରା, ସମ୍ପାଦକ ଆକାଶ କୁମାର ମୁଖୀ, କୋଷାଧ୍ୟକ୍ଷ ଦିବ୍ୟରଞ୍ଜନ ଜେନା, କିଶୋର କୁଅଁର, ଦୀପକ ମୁଖୀ, ଶୁଭଜିତ୍ ଜେନା, ସୁବ୍ରତ ମୁଖୀ, ସାଇସ୍ୱନୀ ବେହେରା, କିଶୋର ସିଂହ, ତପନ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ପଦ୍ମାବତୀ ପାଇଲେ ରାଜ୍ୟପାଳ ଟ୍ରଫି

କେନ୍ଦୁଝର, ୨୯।୧୧
( ସ୍ୱ.ପ୍ର. / ଡି.ଏନ.ଏ.)

ଭୁବନେଶ୍ୱର ଯାତ୍ରୀ ନିବାସଠାରେ ୨୦୧୭-୧୮ ବର୍ଷ ପାଇଁ 'ପ୍ରତିଭା ଅନ୍ୱେଷଣ' କାର୍ଯ୍ୟକ୍ରମରେ ରାଜ୍ୟପାଳ ଟ୍ରଫି ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ବିଭିନ୍ନ ଜିଲାର ୨୦୦ ପ୍ରତିଯୋଗୀ ଭାଗ ନେଇଥିଲେ । ୨୮ ତାରିଖରେ ରବୀନ୍ଦ୍ର ମଣ୍ଡପଠାରେ କୃତୀ ଛାତ୍ରୀଛାତ୍ରଙ୍କୁ ରାଜ୍ୟପାଳ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିରେ କେନ୍ଦୁଝରର ପଦ୍ମାବତୀ ମହାନ୍ତ ଓଡ଼ିଶୀ ନୃତ୍ୟ ବରିଷ୍ଠ ବିଭାଗରେ ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରି ରାଜ୍ୟପାଳ ଟ୍ରଫି ପାଇଥିଲେ।



ସେ ଏବେ ବଡ଼ବିଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନବମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ନୃତ୍ୟଗୁରୁ ଦୀପକ କରଙ୍ଗଠାରୁ ସେ ନୃତ୍ୟଶିକ୍ଷା ଗ୍ରହଣ କରୁଥିଲେ। ତାଙ୍କ ଘର କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ପଳାଶପଙ୍ଗା ପଞ୍ଚାୟତ ଡିଆଡିପଶି ଗ୍ରାମରେ। ପଦ୍ମାବତୀଙ୍କ ସଫଳତାରେ ତାଙ୍କ ପିତା ହେମନ୍ତ ମହାନ୍ତ, ମାତା ଲକ୍ଷ୍ମୀ ମହାନ୍ତଙ୍କ ସମେତ ପରିବାରବର୍ଗ ଖୁସିବ୍ୟକ୍ତ କରିଛନ୍ତି। ଅଞ୍ଚଳବାସୀଙ୍କ ପକ୍ଷରୁ ତାଙ୍କୁ ମଧ୍ୟ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ମେଳା

ପାଟଣା, ୨୯।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକସ୍ତରୀୟ ବିଜ୍ଞାନ ,ଗଣିତ ଓ ପରିବେଶ ମେଳା ଡୁମୁରିଆ ସ୍ଥିତ ବି ଏସ ହାଇସ୍କୁଲ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟ ପକ୍ଷରୁ ମୋଟ ୮୩ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଭିନ୍ନ ବିଭାଗରେ ୬ଜଣ ଛାତ୍ରୀଛାତ୍ର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି କୃତି ଛାତ୍ରୀଛାତ୍ରମାନେ ଜିଲା ସ୍ତରରେ ହେବାକୁ ଥିବା ବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିବେ। ସ୍ଥାନୀୟ ପ୍ରଧାନ ଶିକ୍ଷକ ସୁଧାକର ପଣ୍ଡାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ପାଟଣା ବିଇଓ ପୂର୍ଣ୍ଣଚନ୍ଦ୍ର ଓମାତଙ୍କ ଅଧକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ସମ୍ମାନନୀୟ ଅତିଥିଭାବେ ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର, ପାଟଣା ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ସ୍ଥାନୀୟ ସରପଞ୍ଚ ଦମୟନ୍ତୀ ନାଏକ,କେନ୍ଦେଇପଶି ସମିତି ସଭ୍ୟ ମିତ୍ରଭାନୁ ମହାନ୍ତ, ସ୍ଥାନୀୟ ସମିତି ସଭ୍ୟ ରାଘବ ଦଳେଇ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ମାନେ ହେଲେ ସରସ୍ୱତୀ ଶିଶୁମନ୍ଦିର ପାଟଣାସ୍ଥ ପୁଷ୍ପେନ୍ଦୁ ଘଣା, ଲକ୍ଷ୍ମୀ ନାରାୟଣ ଉଚ୍ଚ ବିଦ୍ୟାଳୟ, ଚିନାବାଲିପଶିର ପଙ୍କଜିନୀ ମହାନ୍ତ, ଗୋପୀନାଥ ନାରାୟଣ ଉଚ୍ଚ ବିଦ୍ୟାଳୟର ସ୍ୱାମ ପାଟଣାର ଶୁଭମ ସୁବାଶିଷ ଦ୍ୱିବେଦୀ,ସୁନାଖମଣ ହାଇସ୍କୁଲ, ବଣ ମହୁଲଡ଼ିହାର ରଜନୀ ନାଏକ, ବିଏସ ହାଇସ୍କୁଲ ଡୁମୁରିଆର ଉଷଶ୍ରୀ ନାଏକ ଓ ଡିଆ ନାଳୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଙ୍କିତ ମହାନ୍ତ।

# ଅନାହାରରେ ଦୁଇ ମା' ଝିଅ

ହାଟଡିହୀ,୨୯। ୧୧(ଡି.ଏନ୍.ଏ.)

କେନ୍ଦୁଝର ଜିଲାର ବଣପାହାଡ ଘେରା ହାଟଡିହୀ ବ୍ଲକର ଏକ ଅବହେଳିତ ଆଦିବାସୀ ଅଧ୍ୟୁଷିତ ଗାଁ ହଦଗଡ଼ । ଏହିଗାଁରେ ଅନେକ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଜୀବନ ବିତାଉଛନ୍ତି। ସରକାର ଗରିବ ଲୋକଙ୍କ ଲାଗି କାର୍ଯ୍ୟକାରୀ କରୁଥିବା ବିଭିନ୍ନ ଯୋଜନା ଏଠି ବାଟବଣା ହୋଇପଡିଛି। ଉକ୍ତ ଗ୍ରାମର ଘାଟ ସାହିରେ ରହୁଥିବା ଦୁଇ ଅସହାୟ ମହିଳା ସମ୍ବାରୀ ଡାକୁଆ(୪୩) ଏବଂ ତାଙ୍କ ମା' ପ୍ରମିଳା ଡାକୁଆ ଏବେ ରୋଗଗ୍ରସ୍ତ ହୋଇ ଅନାହାରରେ ଦିନ ବିତାଉଛନ୍ତି। ଘର ନ ଥିବାରୁ ଭଙ୍ଗା କୁଡିଆରେ ସେମାନେ ପଡି ରହିଛନ୍ତି। ସରକାରଙ୍କ ବିଭିନ୍ନ ଯୋଜନାରେ ହିତାଧିକାରୀ ଚୟନରେ ତ୍ରୁଟି ଯୋଗୁ ସମ୍ବାରୀ ଓ ପ୍ରମିଳାଙ୍କୁ ଘର ମିଳିପାରି ନାହିଁ । କେବଳ ରାଶନ କାର୍ଡରେ ମିଳୁଥିବା ୫ କେଜି ଚାଉଳ ଓ ଗତ ମାସ ଠାରୁ ମିଳୁଥିବା ଭତ୍ତା ସେମାନଙ୍କ ସାହାରା ପାଲଟିଛି।

ସମ୍ବାରୀଙ୍କ ମା' ପ୍ରମିଳା ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଯୋଗୁ ଏବେ ଶଯ୍ୟାଶାୟୀ ହୋଇପଡିଛନ୍ତି। ବହୁ କଷ୍ଟରେ ସେ ତାଙ୍କ ଝିଅ ସମ୍ବାରୀଙ୍କୁ ବିବାହ କରାଇ ଦେଇଥିଲେ। ବିବାହର ଅଳ୍ପ କିଛି ଦିନ ପରେ ତାଙ୍କ ସ୍ୱାମୀ ତାଙ୍କୁ ଛାଡି ଅନ୍ୟତ୍ର ପଳାଇଗଲେ। ପରେ



ଭଙ୍ଗା କୁଡ଼ିଆ ଆଗରେ ଅସହାୟ ମା' ଝିଅ ।

ଶ୍ୱଶୁର ଘରର ନିର୍ଯାତନା ସହି ନ ପାରି ସେ ବାପଘରକୁ ପଳାଇ ଆସି ଅଦ୍ୟାବଧି ଜୀବନ କାଟୁଛନ୍ତି। ପରିବାରରେ ଅନ୍ୟ କେହି ନ ଥିବାରୁ ଏହି ମା' ଓ ଝିଅ ଅନିଶ୍ଚିତ ଭବିଷ୍ୟତକୁ ନେଇ ପଡି ରହିଛନ୍ତି। ଗତ କିଛିଦିନ ହେବ ସମ୍ବାରୀ ଏକ ଅଜଣା ରୋଗରେ ଆକ୍ରାନ୍ତ ହୋଇ ଏବେ ଯନ୍ତ୍ରଣାରେ ଛଟପଟ ହେଉଥିବା କହିଛନ୍ତି। ତାଙ୍କ ବାମ ହାତରେ ଏକ ମାଂସ ପିଣ୍ଡୁଳା ଧୀରେ ଧୀରେ ବଢୁଛି। ଅର୍ଥାଭାବରୁ ଚିକିତ୍ସା ହୋଇପାରୁନି। ଝୁମ୍ପୁଡି ଭଙ୍ଗାଦଦରା ଘର ଖଣ୍ଡିକ ବ୍ୟତୀତ ଅନ୍ୟ କିଛି ସମ୍ବଳ ନ ଥିବାରୁ ସେମାନେ ବହୁ ସମୟରେ ଅନ୍ୟ ପାଖରେ ହାତ ପତାଇ ପେଟ ପୋଷୁଥିଲେ। ଏବେ ରୋଗ ଯନ୍ତ୍ରଣା ଅଧିକ ଦାଉ ସାଧିବା ଆରମ୍ଭ କରିଛି। ଏଥିଲାଗି ଏହି ଦୁଇ ପ୍ରାଣୀ ଅଧିକାଂଶ ଦିନ ଭୋକ ଉପାସରେ ରହୁଛନ୍ତି। ୩୪ ନଂ ଜୋନର ଜିଲା ପରିଷଦ ସଦସ୍ୟା ଟିଙ୍କି କିସ୍କୁ ଓ ସମାଜସେବିକା ସୁରେଶ୍ୱରୀ ସାଗରିକା ଜେନା ଏହି ପରିବାରର ଦୟନୀୟ ସ୍ଥିତି ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଜିତେନ୍ଦ୍ର ଜେନାଙ୍କୁ ପଚାରିବାରୁ ଖୁବ ଶୀଘ୍ର ଏହି ଅସହାୟ ମା' ଝିଅଙ୍କୁ ସରକାରୀ ଆବାସ ଯୋଜନାରେ ଗୃହ ଯୋଗାଇ ଦେବାକୁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଉଲ୍ଲେଖନୀୟ ଯେ, ଏହି ପଞ୍ଚାୟତରେ ଅଧିକାଂଶ ପରିବାର ଆଦିବାସୀ ଶ୍ରେଣୀର । ସେମାନଙ୍କର ଆଧାର କାର୍ଡ ନ ଥିବାରୁ ପ୍ରାୟ ୪ ଶହ ଲୋକଙ୍କ ରାଶନ କାର୍ଡ଼ କଟିଯାଇଛି। ଫଳରେ ସେମାନେ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡିଛନ୍ତି। ଅନ୍ୟପକ୍ଷେ ପ୍ରଶାସନର ଅବହେଳା ଓ ଦୂରଦୃଷ୍ଟି ଅଭାବରୁ ବିଭିନ୍ନ ସରକାରୀ ଯୋଜନାରେ ହିତାଧିକାରୀ ଚୟନରେ ଅନିୟମିତତା ହେଉଥିବାରୁ ଅନେକ ଗରିବ ଲୋକ ଦୁର୍ଦ୍ଦଶାରେ ସମ୍ମୁଖୀନ ହେଉଥିବା ସୋସୋ ପଞ୍ଚାୟତର ପୂର୍ବତନ ସରପଞ୍ଚ ବୈଲୋଚନ ନାୟକ କହିଛନ୍ତି। ଏହି ପଞ୍ଚାୟତରେ ବହୁ ଗରିବ ଲୋକ ଭତ୍ତା, ସରକାରୀ ଆବାସ, ଖାଦ୍ୟ ସୁରକ୍ଷା ପ୍ରଭୃତି ବିଭିନ୍ନ ଯୋଜନାରୁ ବାଦ୍ ପଡିଥିବାରୁ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବା ସକାଶେ ପୂର୍ବତନ ସମିତିସଭ୍ୟ ବୀରେନ୍ଦ୍ର ବିଶ୍ୱାଳ ଓ ଆନନ୍ଦପୁର ସିଭିଲ ସୋସାଇଟି ସମ୍ପାଦକ ଭଗବାନ ମଲ୍ଲିକ ଦାବି କରିଛନ୍ତି।


# SUIIT

SAMBALPUR UNIVERSITY INSTITUTE OF INFORMATION TECHNOLOGY

Order: 1396/SUIIT Date- 28.11.2019

**SUIIT was established in the year 2010 as a Constituent Autonomous Unit of Sambalpur University with the approval of Dept. of Higher Education, Govt. of Odisha**

**VISION**

- To enlighten the young minds by giving patronage to the quest for knowledge.
- To contribute to mankind through excellence in scientific and technological education and research.
- To prove to be a valuable resource for industry and society alike and to remain a symbol of pride for all Indians.

**MISSION**

To inspire young minds to lead the world in the right direction by quality research in Information Technology and allied areas and to create a technically sound workforce that puts the nation in safer hands for a bright future.

**SUIIT offers the following IT related programmes in Self-sustaining mode:**

- B. Tech.: Computer Science and Engineering (CSE)
- B. Tech.: Electronics and Communication Engineering (ECE)
- B. Tech.: Electrical and Electronics Engineering (EEE)
- M. Tech.: Computer Science and Engineering
- M. Tech.: Communication System Engineering
- M. Tech.: Embedded Systems Design
- Master in Computer Application
- M. Sc.: Computer Science
- M. Sc.: Electronics
- M. Phil: Computer Science
- M. Phil: Electronics
- Nodal Centre for Ph.D in CSE, EEE, Electronics Engineering
- SUIIT is also Nodal Centre for OJEE

**HIGHLIGHTS**

- SUIIT has a Training & Placement cell. Students are being exposed to advance mode of training through summer internship programmes and industrial tours at different reputed organizations to make the students industry worthy.
- Our alumni are placed in the reputed companies like TCS, Infosys, IBM, HCL, Cognizant Technology Solutions, Tech Mahindra, Citrix, Aptus Datalabs, Silicon Interfaces, MAINTech, WIPRO etc.
- Our students are also admitted into IIM, XIMB, IMT, ISI & other reputed organisations through GATE, XAT & CSIR/UGC–NET for their higher study.
- Some students joined in reputed institutions abroad for their higher studies.
- Awarded as "Best emerging Technical Institute" of Odisha on the eve of Engineer's Day on 15th Sept. 2013 by Ever Green Forum.
- We have collaborative activities with Startup Odisha and our students won the first prize in Industry group in Make in Odisha (Smart Odisha Hackathon).
- Visiting professors / motivators from reputed institutes namely IIT / ISI / NIT / Central Universities / State Universities and industries visit the institute regularly.
- We have students activities through innovation Club, Cultural Club, Sports Club and Literary Club throughout the year.

## ସଂକ୍ଷେପରେ

### ସ୍ୱୟଂଶ୍ରୀଙ୍କୁ ରାଜ୍ୟପାଳ ଟ୍ରଫି

ବଉଳା, ୨୯।୧୧(ଡି.ଏନ.ଏ.)
ରାଜ୍ୟସ୍ତରୀୟ ପ୍ରତିଭା ଅନ୍ୱେଷଣ ରାଜ୍ୟପାଳ ଟ୍ରଫି ପ୍ରତିଯୋଗିତାରେ କେନ୍ଦୁଝର ଜିଲା ହାଟଡିହି ବ୍ଲକର ବାଲିବରେଇ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସ୍ୱୟଂଶ୍ରୀ ଚକ୍ର ଜୁନିୟର ବିଭାଗ ଚିତ୍ରାଙ୍କନରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟପାଳଙ୍କଠାରୁ ପୁରସ୍କୃତ ହୋଇଛନ୍ତି। ପ୍ରଧାନ ଶିକ୍ଷକ ହୃଷିକେଶ ଚକ୍ର, ସହକାରୀ ଶିକ୍ଷକ ମୋହନ କୁମାର ମହାନ୍ତି, ଆର୍ଟ ଶିକ୍ଷକ ଅମୀୟ ରଞ୍ଜନ ଘଡ଼େଇଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଞ୍ଚଳବାସୀ ଛାତ୍ରୀ ସ୍ୱୟଂଶ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

### ହାଟଡିହୀରେ କୃଷକ ତାଲିମ ଶିବିର

ହାଟଡିହୀ,୨୯। ୧୧(ଡି.ଏନ୍.ଏ.)- କେନ୍ଦୁଝର ଜିଲା ହାଟଡିହୀ ପଞ୍ଚାୟତ ଅଫିସ ପରିସରରେ ସରପଞ୍ଚ ଅନୁସୂୟା ସେଠୀଙ୍କ ସଭାପତିତ୍ୱରେ ଏକ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା କୃଷି ଅଧିକାରୀ କମଳାକାନ୍ତ ନାୟକ, ହାଟଡିହୀ ସହ କୃଷି ଅଧିକାରୀ ଚନ୍ଦ୍ର ମୋହନ ପାତ୍ର, କୃଷି କର୍ମଚାରୀ କେଦାର ନାଥ ଭୋଳ, କୃଷକ ସାଥୀ ଅଭିରାମ ଜେନା ଓ ଶଶାଙ୍କ ଶେଖର ନାୟକ, ସାମାଜିକ କର୍ମୀ କଳ୍ପତରୁ ନାୟକ, ଚକ୍ରଧର ଭୂୟାଁ ପ୍ରମୁଖ ଉପସ୍ଥିତ ରହି ବିଷାକ୍ତ କୀଟନାଶକର ନିରାପଦ ବ୍ୟବହାର ସମ୍ପର୍କରେ ଉପସ୍ଥିତ କୃଷକଙ୍କୁ ସଚେତନ କରାଇଥିଲେ। ବିଭିନ୍ନ ଗ୍ରାମରର ଶତାଧିକ ଚାଷୀ ଓ କୃଷକ ସାଥୀ ଶିବିରରେ ଯୋଗଦେଇଥିଲେ।

### ୫ ବର୍ଷ ହେଲା ପାଦରେ ପଡ଼ିଛି ବେଡ଼ି

ଆନନ୍ଦପୁର, ୨୯।୧୧(ସ୍ୱ.ପ୍ର.)
ମାନସିକ ରୋଗରେ ଆକ୍ରାନ୍ତ ୨୫ ବର୍ଷର ଜଣେ ବିବାହିତ ଝିଅଙ୍କୁ ତାଙ୍କ ଗରିବ ବାପା ଉପଯୁକ୍ତ ଚିକିତ୍ସା କରାଇ ନ ପାରି ପ୍ରାୟ ୫ ବର୍ଷ ହେଲା ଗୋଡ଼ରେ ଏକ ବେଡ଼ି ପକାଇ ଘରେ ଅଟକାଇ ରଖିଛନ୍ତି। ଏଭଳି ଘଟଣା କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ୧୪ ନଂ ଓାର୍ଡ଼ ହରିଜନ ସାହିରେ ଦେଖିବାକୁ ମିଳିଛି। ଟ୍ରଲି ଚଳାଇ ପରିବାର ପୋଷୁଥିବା ଏହି ସାହିର କାଠିଆ ପାତ୍ର ୭ ବର୍ଷ ତଳେ ତାଙ୍କ ଝିଅ ଲିଲିଙ୍କୁ ଯାଜପୁର ଜିଲାର ରାଛିପୁର ଅଞ୍ଚଳରେ ବିବାହ କରାଇ ଦେଇଥିଲେ। ପରେ ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ସନ୍ତାନ ଜନ୍ମ ପରେ ସେ ମାନସିକରୋଗର ଶିକାର ହେବାରୁ ତାଙ୍କ ସ୍ୱାମୀ ଆଉ ଆଗଭଳି ଭଲ ନ ପାଇ ଅଣଦେଖା କରିଥିଲେ। ଏଭଳି ସ୍ଥିତିରେ ବାପା କାଠିଆ ତାଙ୍କୁ ଆଣି ଘରେ ରଖିଥିଲେ। ଝିଅର ଚିକିତ୍ସା ପାଇଁ ସେ ଯଥା ସମ୍ଭବ ଅର୍ଥ ଖର୍ଚ୍ଚ କରିଥିଲେ ସୁଦ୍ଧା କିଛି ଉପକାର ମିଳି ନ ଥିଲା। ବିଭିନ୍ନ ସମୟରେ ଝିଅ ଲିଲି ଅସ୍ୱାଭାବିକ ଆଚରଣ କରୁଥିବାରୁ ନିରାଶ ବାପା ତାଙ୍କ ଗୋଡ଼ରେ ବେଡ଼ି ପକାଇ ଅଟକାଇ ରଖୁଛନ୍ତି। ଅର୍ଥାଭାବ କାରଣରୁ ସେ ଝିଅଙ୍କର ଉନ୍ନତ ଚିକିତ୍ସା କରାଇ ପାରି ନ ଥିବା କହିଛନ୍ତି। ଏହି ଅସହାୟ ପରିବାର ପ୍ରତି ପ୍ରଶାସନ ଦୃଷ୍ଟି ଦେଇ ବେଡ଼ିରେ ବନ୍ଧା ହୋଇ ରହୁଥିବା ଲିଲିଙ୍କ ଚିକିତ୍ସା କରାଇବାକୁ ସ୍ଥାନୀୟ ସମାଜସେବୀ ଦେବରାଜ ସାହୁ ଓ ବୁଲୁ ପଟ୍ଟନାୟକ ଦାବି ଜଣାଇଛନ୍ତି।

### ବେଧଡ଼କ ଭାବେ ଚାଲିଛି ମୋରମ ଲୁଟ୍

କୁଆମରା, ୨୯।୧୧(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକର ବିଭିନ୍ନ ଜଙ୍ଗଲ ଓ ଗୋଚର ଜମିରୁ ବେଧଡକ ଭାବେ ମୋରମ ଓ ମାଟି ଖୋଳା ଚାଲିଛି। ରାସ୍ତା ପାର୍ଶ୍ୱସ୍ଥ ଜମିରୁ ପ୍ରତିଦିନ ଟ୍ରକ ଓ ଟ୍ରାକ୍ଟର ଯୋଗେ ମାଟି ଓ ମୋରମ ବୁହା ହେଉଥିଲେ ମଧ ରାଜସ୍ୱ ବିଭାଗ କିମ୍ବା ଜଙ୍ଗଲ ବିଭାଗର ଏଥିପ୍ରତି ଦୃଷ୍ଟି ନାହିଁ। ଫଳରେ ବିଭିନ୍ନ ସ୍ଥାନରେ ମୃତ୍ତିକା କ୍ଷୟ ହେବା ସହ ଚାରି ପାଞ୍ଚ ଫୁଟ ଗଭୀର ପର୍ଯ୍ୟନ୍ତ ଖାଲ ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି। ବର୍ଷା ଋତୁରେ ଏହି ସ୍ଥାନ ବିପଦସଙ୍କୁଳ ହେବ ବୋଲି ସ୍ଥାନୀୟ ଲୋକେ ଆଶଙ୍କା ବ୍ୟକ୍ତ କରୁଛନ୍ତି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଭଳି ଉନ୍ନୟନ କାମ ଲାଗି ଏଭଳି ଭାବେ ବିଭିନ୍ନ ସ୍ଥାନରୁ ମୋରମ ଓ ମାଟି ଲୁଟି ନିଆଯାଉଛି। ଏଥିଲାଗି କେତେକ ସ୍ଥାନରେ ଜଙ୍ଗଲ ସମ୍ପଦ ନଷ୍ଟ ହେଉଛି। ଏ ନେଇ ଫରେଷ୍ଟର ଧ୍ରୁବଚରଣ ବସନ୍ତିଆଙ୍କୁ ପଚାରିବାରୁ କହିଛନ୍ତି, ସେ କାହାଠାରୁ ଏଭଳି କିଛି ଅଭିଯୋଗ ପାଇ ନାହାନ୍ତି। ତେବେ ଶୀଘ୍ର ସେ ଏ ଦିଗରେ ପଦକ୍ଷେପ ନେବେ।

କେନ୍ଦୁଝର ଜିଲା ଗ୍ରାମ୍ୟ ବିଦ୍ୟୁତୀକରଣ କାର୍ଯ୍ୟର ସମୀକ୍ଷା

# ବଳକା ଗାଁକୁ ତୁରନ୍ତ ବିଦ୍ୟୁତ୍ ସଂଯୋଗ ଦିଅ: ମନ୍ତ୍ରୀ

**କାର୍ଯ୍ୟରେ ବିଳମ୍ବ କରୁଥିବା କଣ୍ଟ୍ରାକ୍ଟର ହେବେ କଳା ତାଲିକାଭୁକ୍ତ**

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)

କେନ୍ଦୁଝର ଜିଲାର ଯେଉଁ ଅଞ୍ଚଳର ବିଦ୍ୟୁତୀକରଣ କରାଯାଇ ନାହିଁ, ସେଗୁଡିକୁ ବିଧାୟକମାନଙ୍କ ସହ ଆଲୋଚନା କରି ସମ୍ପୂର୍ଣ୍ଣ କରାଯିବ । ବିଦ୍ୟୁତ ଆଘାତଜନିତ କାରଣରୁ ହାତୀ ମୃତ୍ୟୁ ରୋକିବା ପାଇଁ ପଦକ୍ଷେପ ନେବା ସହ ଉନ୍ନତମାନର ତଥା ଅଧିକ ଉଚ୍ଚ ବିଦ୍ୟୁତ ଖୁଣ୍ଟ ସ୍ଥାପନ ଏବଂ ଇନ୍‌ସୁଲେଟେଡ୍ କଣ୍ଡକ୍ଟର ଲଗାଯିବ। ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ, ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଶୁକ୍ରବାର ଲୋକସେବା ଭବନ ସ୍ଥିତ ତାଙ୍କ କାର୍ଯ୍ୟାଳୟରେ କେନ୍ଦୁଝର ଜିଲାର ଘସିପୁରା, ଆନନ୍ଦପୁର, ଚମ୍ପୁଆ,ପାଟଣା ଏବଂ କେନ୍ଦୁଝର ନିର୍ବାଚନମଣ୍ଡଳୀର ବିଭିନ୍ନ ଗ୍ରାମ୍ୟ ବିଦ୍ୟୁତୀକରଣ କାର୍ଯ୍ୟର ସମୀକ୍ଷା କରିଥିଲେ । ବୈଠକରେ ହାତୀମାନଙ୍କ ସୁରକ୍ଷା ଉପରେ ମଧ ଆଲୋଚନା ହୋଇଥିଲା । ବୈଠକରେ ୩୩/୧୧ ଏବଂ ୨୨୦/୧୩୨ ସବ୍‌ଷ୍ଟେଶନ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା ହୋଇଥିଲା । ଯେଉଁ କେତୋଟି ଗ୍ରାମ ବିଦ୍ୟୁତ ସଂଯୋଗରୁ ବଳକା ରହିଯାଇଛି ସେସବୁ ଗ୍ରାମକୁ ଚିହ୍ନଟ କରି ବିଦ୍ୟୁତ ସଂଯୋଗ ଦେବା ପାଇଁ ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବାକୁ ନେସ୍କୋ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହ ଯେଉଁସବୁ କଣ୍ଟ୍ରାକ୍ଟର କାମରେ ଅହେତୁକ ବିଳମ୍ବ କରୁଛନ୍ତି ସେମାନଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରିବା ସହିତ ଆବଶ୍ୟକ ପଡ଼ିଲେ ସେମାନଙ୍କୁ କଳା ତାଲିକାଭୁକ୍ତ କରିବାକୁ ପିଟିସିଏଲ୍‌ର ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଦକ୍ଷତା ବିକାଶ ତଥା ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରେମାନନ୍ଦ ନାୟକ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ, ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, ଶକ୍ତି ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ସଂଗ୍ରାମ କେଶରୀ ସ୍ୱାଇଁଙ୍କ ସମେତ ନେସ୍କୋ, ପିଟିସିଏଲ୍ ଏବଂ ଏନ୍‌ଟିପିସିର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

## ବୈଦ୍ୟ ବିଶାରଦଙ୍କୁ ସମ୍ମାନ

କେନ୍ଦୁଝର ୨୯।୧୧ (ସ୍ୱ.ପ୍ର.)


ହରେକୃଷ୍ଣ ଅତିଥିଙ୍କଠାରୁ ସମ୍ମାନ ଗ୍ରହଣ କରୁଛନ୍ତି।

ବର୍ତମାନ ସମୟରେ ପୁରାତନ ଚିକିତ୍ସା ବ୍ୟବସ୍ଥା ହଜିଯିବାକୁ ବସିଥିବା ବେଳେ କେନ୍ଦୁଝର ଜିଲାରେ ଏହାକୁ ବଜାୟ ରଖିବା ପାଇଁ ଜିଲା ତଥା ରାଜ୍ୟରେ ରାଜ୍ୟ ବନୌଷଧୀ ମହାସଂଘ ଗଠନ କରି ଉଦ୍ୟମ ଜାରି ରଖିଥିବା ବୈଦବିଶାରଦ ହରେକୃଷ୍ଣ ମହାନ୍ତଙ୍କୁ ବୈଦ୍ୟ ବିଶାରଦ ସମ୍ମାନ ପ୍ରଦାନ କରାଯାଇଛି । ପ୍ରାକୃତିକ ଚିକିତ୍ସା ମହୋତ୍ସବ ଅବସରରେ କଟକସ୍ଥିତ ସତ୍ୟସାଇ ମେଡିକାଲ କଲେଜ ହସପିଟାଲ ଆଣ୍ଡ ରିସର୍ଚ୍ଚ ସଂସ୍ଥା ପକ୍ଷରୁ ରବିବାର ଏହି ସମ୍ମାନ ମିଳିଛି । ମୁଖ୍ୟ ଅତିଥି ଭାବରେ ପୂର୍ବତନ ଏମ୍‌ପି ପ୍ରସନ୍ନ କୁମାର ପାଟଶାଣୀ ଏହି ସମ୍ମାନ ପ୍ରଦାନ କରିଛନ୍ତି । ଦୁର୍ଲ୍ଲଭ ବନୌଷଧୀ ସନ୍ଧାନ, ସଂରକ୍ଷଣ ଓ ଏହାର ଚିକିତ୍ସା ପାଇଁ ଏଭଳି ସମ୍ମାନ ମିଳିଥିବାରୁ ମହାନ୍ତ ଖୁସି ବ୍ୟକ୍ତ କରିଛନ୍ତି । ରୋଗୀ ସେବା ସହିତ ବୃକ୍ଷରୋପଣ କାର୍ଯ୍ୟକରି ସମସ୍ତଙ୍କ ପାଖରେ ପରିଚିତ ବୈଦ୍ୟ ବିଶାରଦ ମହାନ୍ତ ବହୁ ସଂଖ୍ୟାରେ ଔଷଧୀୟ ଓ ଅନ୍ୟାନ୍ୟ ଉପାଦେୟ ବୃକ୍ଷ ରୋପଣ କରି ପରିବେଶବିତ ଭାବରେ ସ୍ୱତନ୍ତ୍ର ସ୍ଥାନ ବଜାୟୀ ରଖିଛନ୍ତି। ସେହିପରି ମାଟି ପରୀକ୍ଷା କରି ଭୂତଳ ଜଳ ଚିହ୍ନଟ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ତାଙ୍କର ପରିବେଶ ଓ ବନ ଔଷଧୀ ପ୍ରତି ଆଗ୍ରହ ପାଇଁ ତାଙ୍କୁ ବନ ବିଭାଗ ପକ୍ଷରୁ ଅବୈତନିକ ଜିଲା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାବରେ ନିଯୁକ୍ତି ଦିଆଯାଇଛି ।

## କର୍ମୀଙ୍କ ପିଣ୍ଡାରେ ଚାଲିଛି ଅଙ୍ଗନୱାଡି କେନ୍ଦ୍ର


ଶିଶୁ ମାନେ ପିଣ୍ଡାରେ ବସି ପାଠ ପଢୁଛନ୍ତି।

ଚମ୍ପୁଆ, ୨୯।୧୧(ଡି.ଏନ.ଏ.)

ସରକାରଙ୍କ ପକ୍ଷରୁ ଅଙ୍ଗନୱାଡି କେନ୍ଦ୍ର ମାଧ୍ୟମରେ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ, ପୋଷାକପତ୍ର ଯୋଗାଣ ସହ ପ୍ରାକ୍ ଶିକ୍ଷା ପ୍ରଦାନ କରାଯାଉଛି। ହେଲେ କେନ୍ଦୁଝର ଜିଲା ଚମ୍ପୁଆ ଅଞ୍ଚଳରେ ଆବଶ୍ୟକ ଭିତ୍ତିଭୂମି ଅଭାବରୁ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଚମ୍ପୁଆ ଏନଏସି ଅନ୍ତର୍ଗତ ୧ ନଂ ୱାର୍ଡ ଗୋଧୂଳିଠାରେ ଥିବା ଅଙ୍ଗନୱାଡି କେନ୍ଦ୍ରର ସ୍ଥାୟୀ ଘର ନ ଥିବାରୁ ଅଙ୍ଗନୱାଡି କର୍ମୀ ନିଜ ଘର ବାରଣ୍ଡାରେ ଏହାକୁ ଚଳାଉଛନ୍ତି। କୋଠରି ଅଭାବରୁ ଶିଶୁମାନେ ବାରଣ୍ଡାରେ ବସି ପାଠ ପଢୁଛନ୍ତି। ଗୋଧୂଳି ଗ୍ରାମର ବଙ୍କାସାହି, ଡିପାସାହି ଓ ଉପରସାହିର ୨୦ଜଣ ପିଲାଙ୍କୁ ନେଇ ଏହି ଅଙ୍ଗନୱାଡି- ୨ କେନ୍ଦ୍ର ପରିଚାଳିତ ହେଉଛି। ପ୍ରଥମେ ଏହି କେନ୍ଦ୍ର ମିଳିତ ଭାବେ ୧ ନଂ .ଅଙ୍ଗନୱାଡି କେନ୍ଦ୍ରରେ ଚାଲୁଥିଲା। ସ୍ଥାନାଭାବ କାରଣରୁ ଅଙ୍ଗନୱାଡି କେନ୍ଦ୍ର ଅଲଗା ହେବା ପରେ କର୍ମୀ ଓ ଗ୍ରାମବାସୀ ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ । ସ୍ଥାନୀୟ ଅଭିଭାବକମାନେ ଏ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନାର ସମୀକ୍ଷା

ବାଲେଶ୍ୱର ଅଫିସ,୨୯।୧୧

ବାଲେଶ୍ୱରସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନା ଅଧିନରେ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ବନ୍ଧରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲାସ୍ତରୀୟ ଅଧିକାରୀଗଣଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ଶ୍ରମିକ ସଙ୍ଗଠନ ଏବଂ ଉଠାଦୋକାନୀ ସଂଘର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।

ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ କୁଶଳୀ ଅଣକୁଶଳୀ ଶ୍ରମିକମାନଙ୍କୁ ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନା ଅଧିନରେ ବୀମା ନିମନ୍ତେ ପଞ୍ଜିକରଣ କରିବା ପାଇଁ ବିଭିନ୍ନ ସରକାରୀ, ବେସରକାରୀ ସଂସ୍ଥାଗୁଡ଼ିକୁ ଟାର୍ଗେଟ୍ ଦିଆଯାଇଥିଲା। ତେବେ ଏ ଦିଗରେ ଆଶାନୁରୂପ ଭାବେ ପ୍ରଗତି ହାସଲ କରାଯାଇପାରିନାହିଁ । ଏହି ଯୋଜନା ବାବଦରେ କେତେକ ସନ୍ଦେହ ରହିଥିବା ଦର୍ଶାଇ ବୈଠକରେ ସେଗୁଡ଼ିକୁ କିପରି ଲୋକଙ୍କୁ ବୁଝାଇ ଲୋକଙ୍କୁ ପ୍ରବର୍ତ୍ତାଇବା ନିମନ୍ତେ ବିଭିନ୍ନ ସଂଘ ତରଫରୁ ପ୍ରସ୍ତାବ ଆଗତ କରାଯାଇଥିଲା। ଜିଲାପାଳ ଚକ୍ରବର୍ତ୍ତୀ ସ୍ୱାସ୍ଥ୍ୟ ବିଭାଗ, ମତ୍ସ୍ୟ ବିଭାଗ, ସମାଜ କଲ୍ୟାଣ, ଜୀବିକା ମିଶନ, ଶିକ୍ଷା ଓ କୃଷି ବିଭାଗ ଜିଲା ଶ୍ରମ ଅଧିକାରୀଙ୍କ ସହ ମିଳିତ ଭାବେ ଯୋଜନା ସ୍ଥିର କରି କିପରି ନିଜ ନିଜ ବିଭାଗ ଅଧିନରେ କାର୍ଯ୍ୟରତ ଶ୍ରମିକମାନଙ୍କ ବୀମା ପଞ୍ଜିକରଣ ହୋଇପାରିବ ତା'ର ମାର୍ଗ ପ୍ରଶସ୍ତ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀମାନଙ୍କ ମଧ୍ୟରେ ଏହି ଯୋଜନା ସମ୍ପର୍କରେ ସଚେତନତା ଜାଗ୍ରତ ପାଇଁ ସମ୍ପୃକ୍ତ ସଂଘ କର୍ମକର୍ତ୍ତାମାନଙ୍କୁ ପ୍ରବର୍ତ୍ତାଯାଇଛି। ଶ୍ରମିକ ସଂଗଠନଗୁଡ଼ିକୁ ପ୍ରକୃତପକ୍ଷେ ଶ୍ରମିକମାନଙ୍କ ହିତରେ ପ୍ରଣୟନ କରାଯାଇଥିବା ବିଭିନ୍ନ ଯୋଜନାର ଲାଭ କିପରି ହିତାଧିକାରୀଙ୍କ ପାଖରେ ପହଞ୍ଚି ପାରିବ ସେଥିପାଇଁ ଯତ୍ନବାନ ହେବାକୁ ସେ କହିଥିଲେ।

## ଯୁବ ରେଡ୍‌କ୍ରସ୍ ପକ୍ଷରୁ ପ୍ରବନ୍ଧ, ତର୍କ ପ୍ରତିଯୋଗିତା

ଆନନ୍ଦପୁର, ୨୯।୧୧(ସ୍ୱ.ପ୍ର.)
ଆନନ୍ଦପୁର କଲେଜ ଯୁବ ରେଡକ୍ରସ ତରଫରୁ ବିଶ୍ୱ ଏଡସ୍ ଦିବସ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଇଂରାଜୀ ଓ ଓଡିଆ ଭାଷାରେ ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରାଜେନ୍ଦ୍ର ନାରାୟଣ ଦାଶ ଏହାକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ଅମୂଲ୍ୟ କୁମାର ସାହୁ, କୃଷ୍ଣ ଚନ୍ଦ୍ର ମହାନ୍ତି, ଉପେନ୍ଦ୍ର ଦାଶ, ରଘୁଦୀପ୍ତି ନାୟକ, ଦିବ୍ୟଲୋଚନ ଭୂୟାଁ, ସୁଜାତା ସାହୁ, ରଞ୍ଜିତା ସାହୁ ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। ଯୁବ ରେଡକ୍ରସ ଉପଦେଷ୍ଟା ପ୍ରଫୁଲ୍ଲ କୁମାର ପଣ୍ଡା, ଭଗବାନ ସାହୁ, ଲିଗନାସ୍ କୁଣ୍ଡୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତି ପ୍ରତିଯୋଗୀମାନଙ୍କୁ ଆସନ୍ତା ୧ ତାରିଖରେ ବିଶ୍ୱ ଏଡସ୍ ଦିବସରେ ପୁରସ୍କୃତ କରାଯିବ ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ବିଚାରକମଣ୍ଡଳୀ।

## ଜିଲାସ୍ତରୀୟ ଯୁବ ମହୋତ୍ସବ ଉଦ୍‌ଘାଟିତ

କେନ୍ଦୁଝର, ୨୯।୧୧
(ସ୍ୱ.ପ୍ର./ଡି.ଏନ.ଏ.)


ଯୁବ ମହୋତ୍ସବରେ ଉପସ୍ଥିତ ଅତିଥି।

କେନ୍ଦୁଝର ଜିଲାସ୍ତରୀୟ ଯୁବ ମହୋତ୍ସବ ଶୁକ୍ରବାର ସ୍ଥାନୀୟ ନଗରଭବନ ଠାରେ ଉଦ୍‌ଘାଟିତ ହୋଇଯାଇଛି । ଏସ୍.ପି. ମିତ୍ରଭାନୁ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ସମାରୋହକୁ ଉଦ୍‌ଘାଟନ କରି ଉଦ୍‌ବୋଧନ ଦେଇଥିଲେ। ଜାତୀୟ ଏକତା ଓ ସଂହତି, ସଦ୍‌ଭାବନା, ଶାନ୍ତି, ମୈତ୍ରୀ, ଭାଇଚାରା ପ୍ରତିଷ୍ଠାରେ କଳା ଓ କଳାକାରଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଯୁବ କଳାକାରମାନେ ଏ ଦିଗରେ ଅଙ୍ଗୀକାରବଦ୍ଧ ହୋଇ କାର୍ଯ୍ୟ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ।

ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜୀବ ବାରିକ୍ ସମାରୋହରେ ବକ୍ତବ୍ୟ ରଖି ଜିଲାର କଳା ସଂସ୍କୃତିକୁ ଋଦ୍ଧିମନ୍ତ କରିବା ଲାଗି ଯୁବ କଳାକାରମାନେ ସଂକଳ୍ପ ନେବାକୁ ଆହ୍ୱାନ ଜଣାଇଥିଲେ । ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ ପ୍ରାରମ୍ଭରେ ଯୁବ ମହୋତ୍ସବ ଆୟୋଜନ ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଜିଲା କଳା ସଂସ୍କୃତି ସଂଘର ଉପସଭାପତି ଲୋକନାଥ ସାହୁ, ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାଏକ ଏବଂ ବିଭିନ୍ନ ବ୍ଲକ୍‌ରୁ ଆସିଥିବା କଳା ସଂସ୍କୃତି ସଂଘର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଯୁବ ମହୋତ୍ସବରେ ଜିଲାର ବିଭିନ୍ନ ବ୍ଲକ୍ ଓ ପୌରପାଳିକା ଅଞ୍ଚଳରୁ ୧୩ ରୁ ୩୫ ବର୍ଷ ବୟସ୍କ କଳାକାରମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରୁଛନ୍ତି । ଏହି ଜଲାସ୍ତରୀୟ ଯୁବ ମହୋତ୍ସବ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ଜାନୁୟାରୀ ୩୧ରୁ ଯୋଡ଼ା ମହୋତ୍ସବ

ଯୋଡ଼ା, ୨୯।୧୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଉପାନ୍ତ ସହର ଯୋଡାଠାରେ 'ଯୋଡା ମହୋତ୍ସବ' ଆୟୋଜନ ନେଇ ଶୁକ୍ରବାର ସ୍ଥାନୀୟ ପୌରପାଳିକା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଯୋଡା ମହୋତ୍ସବ ୨ୟ ବର୍ଷରେ ପଦାର୍ପଣ କରିବ । ଆସନ୍ତା ଜାନୁୟାରୀ ୩୧ ତାରିଖଠାରୁ ମହୋତ୍ସବ ଆରମ୍ଭ ହୋଇ ୩ ଦିନ ଧରି ଚାଲିବ । ଏ ନେଇ ବସିଥିବା ପ୍ରସ୍ତୁତି ବୈଠକରେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା । ସଂଯୋଜକ ସୁଶାନ୍ତ ବାରିକ ଯୋଡା ମହୋତ୍ସବ କମିଟିରେ ସଭାପତି କେନ୍ଦୁଝର ଏମପି ଚନ୍ଦ୍ରାଣୀ ମୁର୍ମୁ, ଉପସଭାପତି ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, କାର୍ଯ୍ୟକାରୀ ସଭାପତି ପୂର୍ବତନ ଚମ୍ପୁଆ ବିଧାୟକ ଜିତୁ ପଟ୍ଟନାୟକ ଓ ପୂର୍ବତନ କେନ୍ଦୁଝର ଏମପି ଯଶୋବନ୍ତ ସିଂ ଲାଗୁରୀ ରହିଥିବା ସୂଚନା ଦେଇଥିଲେ । ଆୟୋଜିତ ବୈଠକରେ କାର୍ଯ୍ୟକାରୀ ସଭାପତି ଜିତୁ ପଟ୍ଟନାୟକ, ଯୋଡା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟ୍ଟଯୋଶୀଙ୍କ ସମେତ ଯୋଡାର ବହୁ ବୁଦ୍ଧିଜୀବୀ, ବ୍ୟବସାୟୀ, ମାରୱାଡି ଯୁବାମଞ୍ଚର ସଦସ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଉପସ୍ଥିତ ଥିଲେ। ମହୋତ୍ସବରେ ବିଭିନ୍ନ ପ୍ରତିଯୋଗିତା ହେବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାକୁ ସ୍ଥିର ହୋଇଥିଲା ।

## ବାଲ୍ୟବିବାହ ରୋକିବା ଲାଗି ମିଳିତ ପ୍ରୟାସ ଲୋଡ଼ା

କେନ୍ଦୁଝର ୨୯।୧୧
(ସ୍ୱ.ପ୍ର./ଡି.ଏନ.ଏ.)
ବାଲ୍ୟ ବିବାହ ଏକ ସାମାଜିକ ବ୍ୟାଧି । ଏହାକୁ ରୋକିବା ପାଇଁ କଡା ଆଇନ ବ୍ୟବସ୍ଥା ରହିଛି । ଏହା ସତ୍ତ୍ୱେ ଅନେକ ସ୍ଥାନରେ ଲୁଚାଛପାରେ ବିବାହ ଦିଆଯାଉ ଥିବାରୁ ଏହି ଘୃଣ୍ୟ ପ୍ରଥା ଜିଇ ରହିଛି। କେନ୍ଦୁଝର ଜିଲାରେ ବାଲ୍ୟ ବିବାହ ହାର ପ୍ରାୟ ୨୮ ପ୍ରତିଶତରୁ ଅଧିକ । ଓଡିଶାରେ ବାଲ୍ୟ ବିବାହ କ୍ଷେତ୍ରରେ ଏହି ଜିଲା ଅଷ୍ଟମ ସ୍ଥାନରେ ରହିଛି । ଏଣୁ ବାଲ୍ୟ ବିବାହକୁ ରୋକିବା ପାଇଁ ଶୁକ୍ରବାର ସ୍ଥାନୀୟ ରୋଟାରୀ ଭବନରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିଙ୍କ ସହିତ ଶିଶୁ ଖବରଦାତାମାନେ ଯୋଗ ଦେଇ ଏ ଦିଗରେ ମିଳିତ ପ୍ରୟାସ ଜାରି ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜୀବ ବାରିକ ଏହାକୁ ଉଦ୍‌ଘାଟନ କରିଥଲେ। ଆଇଡିଏର ସମ୍ପାଦିକା ସେବତୀ ସିଂହ, ଶିଶୁ ଖବରଦାତା ପାର୍ବତୀ ସେଠୀ ଓ ପବିତ୍ର ମୁଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଦେବଗଡ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ଏହି କର୍ମଶାଳାକୁ ପରିଚାଳନା କରିଥିଲେ । ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିଙ୍କ ସମେତ ୩୨ ଜଣ ଶିଶୁ ଖବରଦାତା ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ । ବାଲ୍ୟ ବିବାହ ରୋକିବା ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ ବୋଲି ମତ ବ୍ୟକ୍ତ କରାଯାଇ ଏ ଦିଗରେ ଅଧିକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ଲାଗି ଗୁରୁତ୍ୱ ଦିଆଯାଇଥିଲା । ଶିଶୁ ମାନଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ଶିଶୁ ସୁରକ୍ଷା ଅଧିକାରୀଙ୍କ ପଦବୀ ନାମ ଫଳକରେ ଜିଲା ଶିଶୁ ବିବାହ ସୁରକ୍ଷା ଅଧିକାରୀ ଲେଖିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା ।



କର୍ମଶାଳାରେ ମଞ୍ଚାସୀନ ଅତିଥି ଓ ଶିଶୁ ଖବରଦାତା।

ବ୍ରାଉନ୍‌ସୁଗାର ବେପାରୀଙ୍କୁ ନିର୍ଘୁମ ମାଡ଼

## ଛାନୁଆରେ ଉତ୍ତେଜନା

ରୂପ୍‌ସା,୨୯।୧୧ (ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଛାନୁଆ ଗ୍ରାମରେ ୨ଜଣ ବ୍ରାଉନସୁଗାର ବେପାରୀଙ୍କୁ ସ୍ଥାନୀୟ ଲୋକେ କାବୁ କରି ନିର୍ଘୁମ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ସାର୍ଥା ଅଞ୍ଚଳର ଦୀନେଶ ମହାନ୍ତି ଓ ଛାନୁଆ ଅସ୍ତି ଗ୍ରାମର ତପନ ଭୂୟାଁ ରାତିରେ ଗାଁ ଭିତରେ ପଶି ଅନ୍ୟ ନିଶା ବ୍ୟବସାୟୀଙ୍କୁ ବ୍ରାଉନ୍‌ସୁଗାର କାରବାର କରୁଥିବା ବେଳେ ଲୋକଙ୍କ ହାତରେ ଧରାପଡ଼ିଥିଲେ। ସେମାନଙ୍କୁ ବାନ୍ଧି ମାଡ଼ ମାରି ବସ୍ତା ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଆହତ ୨ ଯୁବକଙ୍କୁ ନିଜ ହେପାଜତକୁ ନେଇଥିଲେ। ଶୁକ୍ରବାର ବାଲେଶ୍ୱର ଅବକାରୀ ଥାନାଧିକାରୀ ଅର୍ଜୁନ କୁମାର ମଲିକ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ସେମାନଙ୍କଠାରୁ କୌଣସି ବ୍ରାଉନ୍‌ସୁଗାର ପୁଡ଼ିଆ ମିଳି ନ ଥିବା ଆଇଆଇସି ଧନେଶ୍ୱର ସାହୁ କହିଛନ୍ତି।

## ଷଷ୍ଠ ଦିନରେ ବାର୍ଷିକ ଉତ୍ସବ ଓ ବାଣିଜ୍ୟ ମେଳା

ହାଟଡିହୀ, ୨୯। ୧୧ (ଡି.ଏନ୍.ଏ.)

କେନ୍ଦୁଝର ଜିଲା ଆନନ୍ଦପୁର ପ୍ରେସ୍ କ୍ଲବର ବାର୍ଷିକ ଉତ୍ସବ ଓ ବାଣିଜ୍ୟ ମେଳା ଶୁକ୍ରବାର ଷଷ୍ଠ ଦିନରେ ପହଞ୍ଚିଛି। ୫ମ ଦିନରେ ଆୟୋଜିତ ସଭାରେ ଉପସ୍ଥିତ ଅତିଥିମାନେ ସୁସ୍ଥ ସମାଜ ଗଠନରେ ଖବରଦାତାଙ୍କ ଭୂମିକାକୁ ନେଇ ଏକ ଆଲୋଚନାର ଅବତାରଣ କରାଯାଇଥିଲା। ଆବାହକ ମୁନା ସିଂହଙ୍କ ପରିଚାଳନାରେ ଆୟୋଜିତ ସଭାରେ କ୍ଲବର ସଭାପତି ଗୋପାଳକୃଷ୍ଣ ରାଉତ ସଭାପତିତ୍ୱ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଘସିପୁରା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପାତ୍ର, ଆନନ୍ଦପୁର ଚାଇଲ୍ଡଲାଇନ୍ ସଦସ୍ୟ ଭାଗୀରଥି ଦାଶ, ମୁଖ୍ୟ ଅତିଥି ଭାବେ ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟର ଚିକିତ୍ସା ଅଧିକାରୀ ଡାକ୍ତର ଧନେଶ୍ୱର ସେଠୀ, ମୁଖ୍ୟବକ୍ତା ଭାବେ ଆନନ୍ଦପୁର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ବିଶିଷ୍ଟ ସାହିତ୍ୟିକ ପ୍ରଫେସର ରମାକାନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ପାଦକ ସନ୍ତୋଷ କୁମାର ରାଉତ, ସଦସ୍ୟ ଦିଲିପ କୁମାର ମିଶ୍ର, ଲଲାଟେନ୍ଦୁ ଧିର, ସ୍ୱପ୍ନେଶ କୁମାର ପଣ୍ଡା, ନାରାୟଣ ପଣ୍ଡା, ଅନୀଲ ସାହ, ଭରତ ମିଶ୍ର, ଅନନ୍ତ ପହି ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହାୟତା କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଡଗରା ବେଳାଭୂମିରେ ବିଦେଶୀ ପକ୍ଷୀ

ବାଲିଆପାଳ,୨୯।୧୧(ଡି.ଏନ.ଏ.)



ପ୍ରତିବର୍ଷ ପରି ଚଳିତ ବର୍ଷ ପର୍ଯ୍ୟଟନ କେନ୍ଦ୍ର ଡଗରାବେଳା ଭୂମିରେ ବିଦେଶାଗତ ପକ୍ଷୀମାନଙ୍କ ସମାଗମ ହୋଇଛି । ବଗ ଓ ହଂସ ଜାତୀୟ ପକ୍ଷୀ ଚଳିତବର୍ଷ ଶୀତଋତୁ ଆରମ୍ଭରୁ ବେଳାଭୂମିରେ ଚଳପ୍ରଚଳ କରୁଥିବା ଦେଖିବାକୁ ମିଳିଛି । ସୁବର୍ଣ୍ଣରେଖା ମୁହାଣ, ଚଉମୁଖ ବେଳାଭୂମି ଓ ଡଗରା ନିକଟ ହଂସକରା ନଦୀ ମୁହାଣରେ ମଧ ବିଦେଶାଗତ ପକ୍ଷୀମାନଙ୍କର ସମାଗମ ହୋଇଛି। ପକ୍ଷୀଗୁଡିକୁ ଦେଖିବା ପାଇଁ ପର୍ଯ୍ୟଟକମାନେ ଖୁବ ଆଗ୍ରହ ପ୍ରକାଶ କରୁଛନ୍ତି । ପକ୍ଷୀ ଗୁଡିକ ହିମାଳୟ ଓ ସାଇବେରିଆ ଅଞ୍ଚଳରୁ ଆସୁଥିବା କୁହାଯାଇଛି । ଡଗରା ବେଳାଭୂମିରେ ଶୀତଋତୁରେ ବିଦେଶାଗତ ପକ୍ଷୀମାନେ ପ୍ରଚୁର ଖାଦ୍ୟ ପାଇବା ସାଙ୍ଗକୁ ଶୀତର ପ୍ରକୋପ କମ ରହିଥିବାରୁ ପକ୍ଷୀମାନଙ୍କୁ ସୁହାଇଛି । ଗତବର୍ଷ ଜଙ୍ଗଲ ବିଭାଗ ପକ୍ଷରୁ ପକ୍ଷୀ ଗଣନା କରାଯାଇଥିଲା । ଗଣନାରୁ ୧୭ ଶହ ବଗ ଜାତୀୟ ପକ୍ଷୀ ଏହି ବେଳାଭୂମିକୁ ଆସିଥିବା ବେଳେ ୨୩ ଶହରୁ ଅଧିକ ହଂସ ଜାତୀୟ ପକ୍ଷୀ ଆସିଥିଲେ। ଚଳିତ ବର୍ଷ ଜାନୁଆରୀ ମାସରେ ଏହି ସବୁ ଜାଗାଗୁଡିକରେ ପକ୍ଷୀ ଗଣନା କରାଯିବ ବୋଲି ଡଗରା ଫରେଷ୍ଟଗାର୍ଡ ପ୍ରକାଶ ମହାନ୍ତି ସୂଚନା ଦେଇଛନ୍ତି ।